ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩୧ ମାର୍ଚ୍ଚ, ୨୦୧୯



କେତେବେଳେ କେଉଁ କାମ କରିବ, ତାହା ଯିଏ ଠିକ୍ କରିପାରେ, ସେ ହିଁ ସମୟ ବଞ୍ଚାଇ ପାରିଥାଏ।
- ବାକନ୍



## ସଂକ୍ଷେପରେ

### ଗୌଡ଼ପାଲିରେ ବିଜେଡି କର୍ମୀ ସମ୍ମିଳନୀ

ନାକଟିଦେଉଳ,୩୦।୩(ଡି.ଏନ.ଏ.)
ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଗୌଡ଼ପାଲିରେ ଶୁକ୍ରବାର ବ୍ଲକ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ରେଢାଖୋଲର ଦଳୀୟ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ସଫଳତା ଆଣିଦେବାକୁ କର୍ମୀମାନଙ୍କର ସହଯୋଗ ଲୋଡ଼ିଥିଲେ । ଏଥିପାଇଁ ଦଳୀୟ କର୍ମୀମାନେ ଆଜିଠାରୁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ବିଜେଡ଼ିକୁ ଭୋଟ ଦେଇ ପୁଣିଥରେ ରାଜ୍ୟରେ ନବୀନ ପଟ୍ଟନାୟକ ନେତୃତ୍ୱରେ ସରକାର ଗଢ଼ିବା ଦିଗରେ ଦଳୀୟ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଗିରିଶ୍ଚନ୍ଦ୍ରପୁରର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ଦେଓ ତାଙ୍କ ବହୁ ସମର୍ଥକଙ୍କ ସହିତ ବିଜେଡ଼ିରେ ସାମିଲ ହୋଇଥିଲେ। ଧୀରେନ ସାହୁ, ମଣ୍ଟୁ ସାହୁ ,ପିଣ୍ଟୁ ଧଳ, ଶୁଭେନ୍ଦୁ ପ୍ରଧାନ, ନାରାୟଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

### ଦେଶୀ ବନ୍ଧୁକ ସହ ଜଣେ ଗିରଫ

ସମ୍ବଲପୁର,୩୦।୩ (ବ୍ୟୁରୋ)
ଯୁଯୁମୁରା ଥାନା ପୋଲିସ ଦେଶୀ ବନ୍ଧୁକ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବାସୁପାଲି ଗ୍ରାମର ସନାତନ ମିର୍ଦ୍ଧା (୫୭) । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସନାତନଙ୍କ ପାଖରେ ଦେଶୀ ବନ୍ଧୁକ ଥିବା ନେଇ ପୋଲିସ ଖବର ପାଇ ଚଢ଼ାଉ କରିଥିଲା।

### ବୁର୍ଲାର ବିଭିନ୍ନ ଦୋକାନରେ ଚଢ଼ାଉ

ସମ୍ବଲପୁର,୩୦।୩(ବ୍ୟୁରୋ)
ବୁର୍ଲାରେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଠେଲା ଗୁଡିକରେ ଚଢ଼ାଉ କରାଯାଇଛି। ବୁର୍ଲାରେ ଜଣ୍ଡିସ ଆତଙ୍କ ଖେଳିଯିବା ପରେ ଖାଦ୍ୟର ମାନ ଯାଞ୍ଚ ଲାଗି ଏହି ଚଢ଼ାଉ କରାଯାଉଛି। ଡାଷ୍ଟବିନ ବ୍ୟବହାର, ପିଇବା ପାଣି ସୁରକ୍ଷିତ ଭାବେ ରଖିବା, ବାସୀ ଖାଦ୍ୟ ଗୁଡ଼ିକୁ ଡ୍ରେନରେ ନ ପକାଇବାକୁ ତାଗିଦ କରାଯାଇଛି। ସଫା ସୁତୁରା ରଖିବା ଉପରେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ୨ଟି ମିଠା ଦୋକାନ, ୧୧ଟି ଠେଲା, ୧୦ଟି ଜଳଖିଆ ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରି ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ମହାନଗର ନିଗମ କର୍ମଚାରୀ ଓ ବୁର୍ଲା ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ ।

# ନୋଟାରେ ଭୋଟ୍ ଦେବେ ଚାଷୀ

ସମ୍ବଲପୁର,୩୦।୩(ବ୍ୟୁରୋ)

ପଶ୍ଚିମ ଓଡିଶାରେ କୃଷକ ସଂଗଠନର ଏକତା ଓ ବାରମ୍ବାର ଆନ୍ଦୋଳନ ସଫଳ ହୋଇଆସୁଛି । ସେଥିପାଇଁ ଏଥର ସାଧାରଣ ନିର୍ବାଚନ ପୂର୍ବରୁ ଭୟରେ ସବୁ ରାଜନୈତିକ ଦଳ କୃଷି ଓ କୃଷକଙ୍କ ପ୍ରସଙ୍ଗକୁ ଦେଶରେ ନିର୍ବାଚନୀ ପ୍ରସଙ୍ଗ କରିଛନ୍ତି । ରାଜ୍ୟରେ ବିଜେଡି ସରକାର କାଳିଆ ଯୋଜନା ଓ କେନ୍ଦ୍ରରେ ଭାଜପା ସରକାର ପିଏମ-କିଷାନ ଯୋଜନା ଘୋଷଣା କରିଛନ୍ତି। ହେଲେ ଏହି ଦୁଇଟି ଯୋଜନା ଚାଷୀ ଉପକୃତ ହେବା ଭଳି ନୁହେଁ । ଏହା କେବଳ ପ୍ରହସନ । କୃଷି ଋଣ ମୁକ୍ତ, ରିଲିଫ କୋଡରେ ପରିବର୍ତ୍ତନ, ଭାଗଚାଷୀ ମାନ୍ୟତା, ଚାଷୀ ଆତ୍ମହତ୍ୟା ସ୍ୱୀକାର କରିବା, ସରକାରୀ କର୍ମଚାରୀଙ୍କ ଭଳି ୧୦ ବର୍ଷରେ କୃଷକ ଆୟ କମିଶନ ଲାଗୁ କରିବାକୁ ଚାଷୀ ଦାବି କରୁଛି । ହେଲେ କାଳିଆ ଯୋଜନାରେ ୫ ହଜାର ଟଙ୍କା ଓ ପିଏମ-କିଷାନ ଯୋଜନାରେ ୨ ହଜାର ଟଙ୍କା ଦେଇ ଚାଷୀଙ୍କୁ ଭୋଟ ଦେବାରେ ପ୍ରଭାବିତ କରିବାକୁ ସରକାର ଯୋଜନା କରିଛନ୍ତି । ଏହା ଚାଷୀଙ୍କୁ ଭିକ ଦେଲା ଭଳି। ହେଲେ ଏବେ ଚାଷୀ ସମାଜ ଶିକ୍ଷିତ ହୋଇ ସାରିଛନ୍ତି । କୌଣସି ରାଜନୈତିକ ଦଳ ଚାଷୀଙ୍କ ପାଇଁ ନୁହନ୍ତି ବୋଲି ପ୍ରମାଣ ମିଳୁଛି। ତେଣୁ ଆଗାମୀ ନିର୍ବାଚନରେ ଚାଷୀମାନେ ନୋଟାରେ ଭୋଟ ଦେବେ। ଓଡିଶା ସାଂସ୍କୃତିକ ସମାଜ ଭବନ ପରିସରରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ଆବାହକ ଆଶୋକ ପ୍ରଧାନ ଏହା କହିଛନ୍ତି।

ସେହିପରି ଚାଷୀ ଲିଙ୍ଗରାଜ ପ୍ରଧାନ କହିଥିଲେ ଯେ, ସରକାର ଚାଷୀଙ୍କ ସ୍ୱାର୍ଥକୁ ଭୁଲି ଯାଉଛନ୍ତି । ପୂର୍ବରୁ ଚାଷୀଙ୍କ ଜୀବନ ଜୀବିକା ମହାନଦୀ ପାଇଁ ବିଜେଡି ଓ ଭାଜପା କେତେ ଆନ୍ଦୋଳନ, ରାଲି କରି ପରସ୍ପରକୁ ଦୋଷାରୋପ କରି ବିରୋଧ କରୁଥିଲେ । ଏବେ ତାହା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି । ତେଣୁ ଚାଷୀ ସଂଗଠନ ପକ୍ଷରୁ ପ୍ରତି ଗ୍ରାମରେ ସରକାର ବିରୋଧୀ ଓ ଚାଷୀଙ୍କ ହକ ପାଇଁ ସଚେତନତା ରାଲି ଓ ସଭା କରାଯିବ। ଚାଷୀଙ୍କ ଜନମତ ଲୋଡାଯିବ । ଏହା ସମଗ୍ର ପଶ୍ଚିମ ଓଡିଶାରେ ବ୍ୟାପିବ । ପ୍ରତ୍ୟକ ଚାଷୀଙ୍କୁ ନିର୍ବାଚନ ବେଳେ ନୋଟାରେ ଭୋଟ ଦେବାକୁ ଅନୁରୋଧ କରାଯିବ ବୋଲି ସେ କହିଥିଲେ । ସଂଗଠନ ପକ୍ଷରୁ ସବୁ ରାଜନୈତିକ ଦଳ ପାଇଁ ପ୍ରଶ୍ନପତ୍ରର ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି । ଭୋଟ ବେଳେ ନେତା ପ୍ରଚାର ପାଇଁ ଆସିଲେ ସେମାନଙ୍କୁ ଏହାକୁ ନେଇ ପଶ୍ନ ପଚରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ଆଜାଦ, ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ଉମେଶ ମିଶ୍ର, ବିଭୂତି ଭୂଷଣ ପଟ୍ଟନାୟକ, ଏମ. ଗୋବନ୍ଧୁ, ଅଶ୍ୱିନୀ ହୋତା, କାଶି ବିଶ୍ୱନାଥ, ଯୁଗଳ ବିହାରୀ ପରିଡା, ନଟୁ ବିହାରୀ, ବ୍ୟୋମକେଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।


ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନରେ ଖବରଦାତା ସମ୍ମିଳନୀରେ ଚାଷୀ ସଙ୍ଗଠନ ସଦସ୍ୟ ।

- ବିଭିନ୍ନ ଦଳ ବିରୋଧରେ ପ୍ରଚାର କରିବେ
- ରାଜନେତାଙ୍କ ପାଇଁ ପ୍ରଶ୍ନ ତାଲିକା ପ୍ରସ୍ତୁତ
- କାଳିଆ, ପିଏମ୍ କିଷାନ ଯୋଜନା ପ୍ରହସନ

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ନକଆଉଟ କ୍ରିକେଟ ମ୍ୟାଚ
  ସ୍ଥାନ- ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ
  ସମୟ- ସକାଳ ୮ଟା।
- ସେତୁ ପକ୍ଷରୁ ବକ୍ତୃତା ମାଳା
  ସ୍ଥାନ- ଜିଏମ୍ୟୁ ଅଧାପନା ପ୍ରକୋଷ୍ଠ
  ସମୟ- ଅପରାହ୍ନ ୪ଟା।
- 'ଫକୀର ମୋହନଙ୍କ ଗଳ୍ପ, ସାହିତ୍ୟରେ ସମାଜ ସଂସ୍କାର' ଶୀର୍ଷକ ବକ୍ତୃତାମାଳା
  ସ୍ଥାନ- ଭୀମ ଭୋଇ ସାହିତ୍ୟ ସଂସଦ
  ସମୟ- ସନ୍ଧ୍ୟା ସାଢ଼େ ୬ଟା।

### ଅଖିଳ ଭାରତୀୟ ଅଘରିଆ ସମାଜ ସମ୍ମିଳନୀ

ବାମରା, ୩୦।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲଠାରେ ଅଖିଳ ଭାରତୀୟ ଅଘରିଆ ସମାଜର ରାଜ୍ୟସ୍ତରୀୟ ମହା ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ରାଜ୍ୟ ସଭାପତି ଗଙ୍ଗାଧର ନାଏକ ଉଦ୍‌ଘାଟନ କରିଥିଲେ। ରଜନୀକାନ୍ତ ପଟେଲ, ବନମାଳୀ ନାୟକ, ସୁବୋଧ କୁମାର ପଟେଲ, ମିତ୍ରଭାନୁ ପଟେଲ, ମନୋରଞ୍ଜନ ପଟେଲ ଓ ଶରତ ଚନ୍ଦ୍ର ପଟେଲ ପରିଚାଳନାରେ ସହଯୋଗ କରିଥିଲେ।

জିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

# ନୃତ୍ୟ,ଗୀତରେ ଝୁମିଲେ ଛାତ୍ରୀଛାତ୍ର

ସମ୍ବଲପୁର,୩୦।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ, ସଙ୍ଗୀତରେ ମୁଖରିତ ହୋଇଥିଲା ଉତ୍ସବ ସ୍ଥଳ। ସେହିପରି ନାଟକରେ ଦର୍ଶକ ବିମୋହିତ ହୋଇଥିଲେ। ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା, ଉଦିତ ଚନ୍ଦ୍ର ପାଙ୍ଗଯୋଶୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ର ସଂସଦ ସମ୍ପାଦକ ସଞ୍ଜୀବ କୁମାର ଲୁହା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ସେହିପରି ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡ. ଗୀତାଞ୍ଜଳି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଜୟପ୍ରକାଶ ଦାଶ, ପ୍ରଲିପ୍ତା ମିଶ୍ର, ସଂଯୁକ୍ତା ମାଝି, ଜ୍ୟୋତିର୍ମୟୀ ମହନ୍ତ, ମଧୁମିତା ଦାଶ, ସୁସ୍ମିତା ଖଟୁଆ ପରିଚାଳନା ଓ ସଂଯୋଜନା କରିଥିଲେ । ଏହି ଅବସରରେ ପ୍ରାଚିର ପତ୍ରିକା 'ଜ୍ୟୋତି ଶିଖା' ଉନ୍ମୋଚିତ ହୋଇଥିଲା। ସେହିଭଳି 'ଚିତ୍ରକଳା' ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା । ଛାତ୍ର ପ୍ରଭାତ ନାୟକଙ୍କ ରଚିତ 'କଥା ଓ ଗାଥା' ପୁସ୍ତକର ଉନ୍ମୋଚନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡ. ଗୀତାଞ୍ଜଳି ଭୋଇଙ୍କ ଅଧକ୍ଷତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ପ୍ରଧାନ ମୁଖ୍ୟ ଅତିଥି, ନୃତ୍ୟଗୁରୁ ଅସିନ୍ ପ୍ରଧାନ, ପଦ୍ମିନୀ ବୈଠାରୁ, ଜଗଦୀଶ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନିତା, ନିବେଦିତା, ପ୍ରଜ୍ଞାଶ୍ରୀ, ଲକ୍ଷ୍ମୀ, ଶୁଭଶ୍ରୀ, ଶିଖା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଲିଜୁନ୍ ଦେହୁରୀ ଓ ସାଥୀ 'ସାବଧାନ ବୋହୂ' କ୍ଷୁଦ୍ର ନାଟକ ମଞ୍ଚସ୍ଥ କରିଥିଲେ । ସମ୍ବଲପୁରୀ, ବିହୁ, ଓଡିଶୀ ଏବଂ ଆଧୁନିକ ନୃତ୍ୟ ପରିବେଷିତ ହୋଇଥିଲା।




ସମ୍ବଲପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ।

ଜିଲା ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ

# ଆଶୀର୍ବାଦ କ୍ଲବ, ନର୍ଦ୍ଦର୍ନ ଷ୍ଟାର ବିଜୟୀ

ସମ୍ବଲପୁର,୩୦।୩ (ବ୍ୟୁରୋ)

ସମ୍ବଲପୁର ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ଆଶୀର୍ବାଦ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆଶୀର୍ବାଦ କ୍ଲବ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା । ଗଙ୍ଗାଧର ମାଝି ୪୦ ବଲରେ ୬୬ ଓ ମୁକ୍ତେଶ୍ୱର ପ୍ରଧାନ ୨୪ ବଲରେ ୩୪ ରନ ସଂଗ୍ରହ କରିଥିଲେ । ଅନନ୍ତରାମ ବେରିହା, ରାଜଗୋପାଳ ଚୌଧୁରୀ ଓ ସ୍ୱାଗତ ମହାପାତ୍ର ୨ ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ୨୧୩ ରନର ବିଜୟ ଲକ୍ଷ୍ୟ ନେଇ ଅନନ୍ତରାମ କ୍ଲବ ଖେଳାଳି ପଡିଆକୁ ଓହ୍ଲାଇଥିଲେ । କିନ୍ତୁ ଦଳ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ୯୯ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା । ଦଳର ଏଚ. ଗିରିଧର ୧୯ ଓ ଅବିନାଶ ଦଳବେହେରା ୧୪ ରନ କରିଥିଲେ । ଆଶୀର୍ବାଦ କ୍ଲବ ବୋଲର ସୁମିତ ମହାନନ୍ଦ ଓ ସଂଗ୍ରାମ ଜ୍ୟୋତିଷି ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ମହମ୍ମଦ ଇସାକ୍, ବିଜୟ ଦୋରା ମ୍ୟାଚ ପରିଚାଳନା କରିଥିଲେ । ସୁରେନ୍ଦ୍ର ପ୍ରଧାନ ସ୍କୋରର ଥିଲେ ।

ଦ୍ୱିତୀୟ ମ୍ୟାଚ ନର୍ଦ୍ଦର୍ନଷ୍ଟାର କ୍ଲବ ବନାମ ବ୍ଲୁ ଡାଇମଣ୍ଡ ମଧ୍ୟରେ ହୋଇଥିଲା । ବ୍ଲୁ ଡାଇମଣ୍ଡ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା । ବିକି ସ୍ୱାଇଁ ୪୩ ବଲରେ ୫୩, ସଞ୍ଜିତ ଦାଶ ୨୬ ବଲରେ ୩୦ ରନ ସଂଗ୍ରହ କରିଥିଲେ । ବ୍ଲୁ ଡାଇମଣ୍ଡ ବୋଲର ରବିନ ଡୁଙ୍ଗଡୁଙ୍ଗ ଓ ଦେବାଶିଷ ବାଗ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ୧୬୨ ରନର ବିଜୟ ଲକ୍ଷ୍ୟ ନେଇ ନର୍ଦ୍ଦର୍ନ ଷ୍ଟାର ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । ଦଳ ୧୮.୨ ଓଭରରେ ୩ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ବିଜୟ ହୋଇଥିଲା । ଆଶିଷ ଡାଲମିଆଁ ୬୪ ବଲରେ ୧୧୬ ଓ ରବିନ ଡୁଙ୍ଗଡୁଙ୍ଗ ୨୨ ବଲରେ ୧୪ ରନ ସଂଗ୍ରହ କରିଥିଲେ । ସୌମ୍ୟଦର୍ଶନ ମହାନ୍ତି ଓ ନବୀନ ରାଉଲ ମ୍ୟାଚ ପରିଚାଳନା କରିଥିଲେ।

# ସମ୍ବଲପୁର ଲୋକସଭା ଆସନ ପାଇଁ ୨ ନାମାଙ୍କନପତ୍ର ଦାଖଲ

ସମ୍ବଲପୁର,୩୦।୩ (ବ୍ୟୁରୋ)

ସମ୍ବଲପୁର ଲୋକସଭା ଆସନ ପାଇଁ ଜିଲାପାଳଙ୍କ ଅଫିସରେ ଶନିବାର ଏସୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ନବ କିଶୋର ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଆମ୍ବେ କାଇଡ ପାର୍ଟି (ଏପିଆଇ) ବିନୟ ଓସିଏନ ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଜିଲାପାଳ ଶୁଭମ ସକସେନାଙ୍କୁ ତାଙ୍କ ପ୍ରକୋଷ୍ଠରେ ଉଭୟ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ । ଦେଶର ସାଧାରଣ ଜନତାଙ୍କ ସମସ୍ୟା ଭରି ରହିଛି । ସ୍ୱାଧୀନତା ଏତେ ବର୍ଷ ପରେ ମଧ୍ୟ ଲୋକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ବଡ ବଡ ବ୍ୟବସାୟୀ ଟିକସ ଫାଙ୍କି ବେଆଇନ ଧନ ସମ୍ପତ୍ତି କରୁଛନ୍ତି । ହେଲେ ଗରିବମାନେ ସବୁ ଦିନ ଗରିବ ହୋଇ ରହୁଛନ୍ତି । ଏସବୁକୁ ନେଇ ଭୋଟ ପାଇଁ ପ୍ରଚାର କରାଯିବ ବୋଲି ସେ କହିଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏପିଆଇ ପାର୍ଟି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିବା ପ୍ରାର୍ଥୀ ଓ ତାଙ୍କ ସମର୍ଥକ।


ସମ୍ବଲପୁର ଜିଲାପାଳ ଶୁଭମ ସକ୍‌ସେନାଙ୍କୁ ତାଙ୍କ ଅଫିସରେ ଶନିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ନବ କିଶୋର ପ୍ରଧାନ ନାମାଙ୍କନ ପତ୍ର ପ୍ରଦାନ କରୁଛନ୍ତି ।

ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନ

# ବିଜିତେନ୍ଦ୍ରୀୟ ସଭାପତି, ପ୍ରବୀଣ ସମ୍ପାଦକ

ସମ୍ବଲପୁର, ୩୦।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଓକିଲ ସଂଘର ବାର୍ଷିକ ସାଧାରଣ ନିର୍ବାଚନ ଶନିବାର ସମ୍ପନ୍ନ ହୋଇଯାଇଛି। ସଭାପତି ପ୍ରାର୍ଥୀ ସକାଶେ ୨ ଜଣ ପ୍ରାର୍ଥୀ ଥିଲେ । କିନ୍ତୁ ବିଜିତେନ୍ଦ୍ରୀୟ ପ୍ରଧାନ ୨୬୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜେନ୍ଦ୍ର କୁମାର ଗୁରୁ ୨୩୫ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ଉପସଭାପତି ପଦବୀରେ ୬ଜଣ ପ୍ରାର୍ଥୀ ଥିଲେ । ସୁରେନ୍ଦ୍ର କୁମାର ମହାନ୍ତି (୧୪୬) ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରବିନ୍ଦ ନାୟକ (୧୨୩)ଙ୍କୁ ମାତ୍ର ୨୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ସାଧାରଣ ସମ୍ପାଦକ ପଦବୀରେ ୨ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଏଥିରେ ପ୍ରବୀଣ ସିଂଦେଓ ୨୮୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜୀବ କୁମାର ଶତପଥୀ ୨୩୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଯୁଗ୍ମ ସମ୍ପାଦକରେ ପ୍ରଦ୍ୟୋତ କୁମାର ଶର୍ମା ୨୬୦ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଧୁସୂଦନ ମିତ୍ର ୨୦୪ ଖଣ୍ଡ ଭୋଟ ପାଇଛନ୍ତି । ସହ ସମ୍ପାଦକ ପଦବୀରେ ପ୍ରମୋଦ କୁମାର ଦୋରା (୨୩୬) ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ନାୟକ (୧୨୧)ଙ୍କୁ ପରାସ୍ତ କରିଛନ୍ତି। ୬ଟି କାର୍ଯ୍ୟକାରୀ ପଦବୀରେ ୮ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେମାନଙ୍କ ମଧ୍ୟରୁ ମନୋରଞ୍ଜନ ପଣ୍ଡା (୩୨୨), ସବିନୟ ପୂଜାରୀ (୩୧୨), ରାଜେଶ ସାହୁ (୨୮୫), ପଞ୍ଚାନନ ଦାଶ (୨୭୨), ଶିବ ଦିୱାନ (୨୬୮), ସୁତାପ୍ତା ମିତ୍ର (୨୭୧) ବିଜୟୀ ହୋଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ଦାଶଙ୍କ ପରିଚାଳନାରେ ଭୋଟ ଗ୍ରହଣ ହୋଇଥିଲା । ସୟଦ ଫାରୁକ, ବନ୍ଦିତାରାଣୀ ମିଶ୍ର, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ବେଦବ୍ୟାସ ସୁପକାର, ବୈସମ୍ପାୟନ ଆଚାର୍ଯ୍ୟ, ଆଶିଷ କୁମାର ପଣ୍ଡା, ପ୍ରଶାନ୍ତ ସର, ସିର୍ଦ୍ଧାଥ ଶଙ୍କର ଷଡଙ୍ଗୀ, ସୁରେଶ ପାଣିଗ୍ରାହୀ ନିର୍ବାଚନ ଅଧିକାରୀ ଥିଲେ । ରବିରଞ୍ଜନ ପୂଜାରୀ ଓ ପ୍ରଭାତ ମହାପାତ୍ର ଭୋଟ ଗଣତିରେ ସହଯୋଗ କରିଥିଲେ । ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ଭୋଟର ତାଲିକାରେ ମୋଟ ୫୮୫ ଜଣଙ୍କ ନାମ ଥିବା ବେଳେ ୫୦୪ ଜଣ ସଭ୍ୟ ଭୋଟ ଦେଇଥିଲେ ।



ସମ୍ବଲପୁର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଭୋଟ ଗ୍ରହଣ କରାଯାଉଛି ।


ବିଜିତେନ୍ଦ୍ରୀୟ ପ୍ରଧାନ


ପ୍ରବୀଣ କୁମାର ସିଂଦେଓ


ସୁରେନ୍ଦ୍ର କୁମାର ମହାନ୍ତି

### କ୍ୟାନସରରେ ଆକ୍ରାନ୍ତ ରୋଗୀଙ୍କୁ ଡାକ୍ତରଙ୍କ ସହାୟତା



ସମ୍ବଲପୁର,୩୦।୩(ବ୍ୟୁରୋ)

ବରଗଡ ସହରର ହାଟପଦା ନିକଟ ମନାବନ୍ଧପଡାର ଅଶୋକ ପ୍ରସାଦଙ୍କ ସ୍ତ୍ରୀ ଦୁର୍ଗାବତୀ ପ୍ରସାଦ କ୍ୟାନସରରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ପିତ୍ତକୋଷରେ କ୍ୟାନସର ହୋଇଥିବା ଡାକ୍ତର ଚିହ୍ନଟ କରିଛନ୍ତି। ହେଲେ ଶ୍ରମିକ ଶ୍ରେଣୀର ଦୁର୍ଗାବତୀଙ୍କ ଚିକିତ୍ସାରେ ଟଙ୍କା ବାଧକ ସାଜିଛି। ଫଳରେ ସେ ଚିକିତ୍ସା କରାଇ ପାରୁ ନାହାନ୍ତି। ଯନ୍ତ୍ରଣା ଅସହ୍ୟ ହେବାରୁ ବାଧ ହୋଇ ଚିକିତ୍ସା ପାଇଁ ସେ ଭିମ୍‌ସାରେ ଭର୍ତ୍ତି ହୋଇଥିଲେ। ହେଲେ ଏଠାରେ ଉଚ୍ଚତର ଚିକିତ୍ସା ସୁବିଧା ନ ଥିବାରୁ ତାଙ୍କୁ କଟକ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଯାଇ ଚିକିତ୍ସିତ ହେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଭିମ୍‌ସାରରେ ଗରିବ ରୋଗୀଙ୍କ ସାହା ଭରସା ପାଲଟିଥିବା ସିନିୟର ରେସିଡେନ୍ସ ଡାକ୍ତର ଶଙ୍କର ରାମଚନ୍ଦାନୀ ଦୁର୍ଗାବତୀଙ୍କୁ ସହାୟତାର ହାତ ବଢାଇଛନ୍ତି। ଦୁର୍ଗାବତୀଙ୍କୁ ସେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ଏଥିସହ ଦୁର୍ଗାବତୀଙ୍କ ଭଳି ଜଣେ ଗରିବ ରୋଗୀଙ୍କୁ ଏଭଳି ବିପଦ ବେଳେ ତାଙ୍କ ଚିକିତ୍ସା ପାଇଁ ଅନ୍ୟମାନେ ମଧ୍ୟ ସହାୟତା କରିବା ଆବଶ୍ୟକ ବୋଲି କହିଛନ୍ତି।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ବୌଦ୍ଧ ସିଭିଲ, କ୍ରିମିନାଲ ବାର୍ ନିର୍ବାଚନ

**ବୌଦ୍ଧ,୩୦।୩ (ସ୍ୱ.ପ୍ର.)-** ବୌଦ୍ଧ ସଭିଲ ଓ କ୍ରିମିନାଲ ବାର୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଦଲାଲ ସଭାପତି, ଶାନ୍ତନୁ କୁମାର ମହାପାତ୍ର ସମ୍ପାଦକ, ବିଭୁ ପ୍ରସାଦ କ୍ଷେତୀ ଉପସଭାପତି, ଆଶୁତୋଷ ଦାସ ସହ ସମ୍ପାଦକ, ଦିଲୀପ କୁମାର ପଲିଆ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥବବା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଆଇନଜୀବୀ କୃଷ୍ଣଚନ୍ଦ୍ର ମେହେର ଜଣାଇଛନ୍ତି।

### ଏପ୍ରିଲ ୧କୁ କଳାଦିବସ ପାଳନ ପାଇଁ ପ୍ରସ୍ତୁତି

**ବାଉଁଶୁଣୀ, ୩୦।୩ (ଡି.ଏନ.ଏ.)-** ବାଉଁଶୁଣୀ ମାଉଁଲିମୁଣ୍ଡା ଛକରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ ଜରୁରୀ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲା ଆବାହକ ସୁବେଦାର ଲଳିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାଉଁଶୁଣୀ ଛକଠାରେ ଏପ୍ରିଲ ୧ ଉତ୍କଳ ଦିବସକୁ ବର୍ଜନ କରି କଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତ ସାଧାରଣ ନିର୍ବାଚନରେ କୋଶଳ ରାଜ୍ୟ ସମନ୍ୱୟ ସମିତିର କଣ ଭୂମିକା ହେବ ସେ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଆଶିଷ ସାହୁ, ହିମାଂଶୁ ଜାଲ, ସବ୍ୟସାଚୀ ମିଶ୍ର, ରଘୁନାଥ ଆଚାର୍ଯ୍ୟ, ଦାମୋଦର ମେହେର, ଭିକାରୀ ଚରଣ ମେହେର, କୌଶିକ ଜାଲ, ପ୍ରମୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ପାଣିମୋରାରେ ମହିମା ବାଲ୍ୟଲୀଳା

**ସୋହେଲା,୩୦।୩ (ଡି.ଏନ.ଏ)-** ସୋହେଲା ବ୍ଲକ ପାଣିମୋରା ଗ୍ରାମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଡବନ୍ଧରୁ ଗ୍ରାମର ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ଏଥିରେ ବ୍ରହ୍ମ ଅବଧୂତ ବିରେନ୍ଦ୍ର ବାବା ପୌରୋହିତ୍ୟ କରିଥିଲେ । ବିଶ୍ୱଶାନ୍ତି ପାଇଁ ଧୂନି ସ୍ଥାପନ କରି ଯଜ୍ଞ ଆହୂତି ପ୍ରଦାନ କରାଯାଇଥିଲା। ଏହା ୫ ଦିନ ଧରି ଚାଲିଥିଲା । ଏଥିରେ କାହ୍ନା ବାବା, ଶ୍ୟାମ ବାବା, ମହେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ହରିଦ୍ୱାରରୁ ଆସିଥିବା ମଦନ ଦାସ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ । ଆଖାପାଖ ଗ୍ରାମର ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ ।

# ପ୍ରକଳ୍ପ ଅଚଳ, ମିଳୁନି ପାନୀୟ ଜଳ

**ଅତାବିରା, ୩୦।୩ (ଡି.ଏନ.ଏ)**

**ଅତାବିରା ନିର୍ବାଚନମଣ୍ଡଳୀ**

- ଡ୍ରମ୍‌ରେ ପାଣି ବୋହୁଛନ୍ତି ଗ୍ରାମବାସୀ
- ନାଳ ପାଣି ବ୍ୟବହାର କରି ୨ ଝାଡ଼ାବାନ୍ତିରେ ଆକ୍ରାନ୍ତ



ଗାଡ଼ିରେ ପାନୀୟ ଜଳ ଅଣାଯାଉଛି ।

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗାଁରେ ୧୨ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ପମ୍ପ ହାଉସ୍‌ର ମୋଟର ପୋଡି ଯାଇଥିବାରୁ ଏଭଳି ସମସ୍ୟା ଉପୁଜିଛି । ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହାନଦୀରୁ ଉଦେପୁର ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା । ହେଲେ ପମ୍ପ ହାଉସର ମୋଟର ପୋଡି ଯାଇଥିବାରୁ ଏ ପର୍ଯ୍ୟନ୍ତ ମରାମତି କରାଯାଇ ପାରିନାହିଁ । ଫଳରେ ଗ୍ରାମବାସୀ ଖୋଲା କୂଅ, ମହାନଦୀର ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ଉଦେପୁର ଗ୍ରାମ ୨ଟି ୱାର୍ଡକୁ ନେଇ ଗଠିତ । ଏହି ଗ୍ରାମର ଜନ ସଂଖ୍ୟା ପ୍ରାୟ ୨ହଜାର । ଏଠାରେ ପ୍ରାଥମିକ ବିଦ୍ୟାଳୟ, ଦୁଇଟି ଅଙ୍ଗନୱାଡି କେନ୍ଦ୍ର, ଦୁଗ୍ଧ ଉତ୍ପାଦକ ସମିତି ଅଛି । ଗ୍ରାମର ସ୍କୁଲ ଭିତରେ ଓ ବାହାରେ ଥିବା ନଳକୂପରୁ ଦୂଷିତ ପାଣି ବାହାରୁଥିବାରୁ ପାନୀୟ ଜଳ ଉପଯୋଗୀ ହେଉନି । ଉଦେପୁର ଛକଠାରେ ଥିବା ନଳକୂପ ପାଇପ୍‌ରେ କଳଙ୍କି ଲାଗି ଯାଇଥିବାରୁ ନାଲି ରଙ୍ଗର ପାଣି ଆସୁଛି । ତାତି, ବିଦ୍ୟୁତ କାଟ ସାଙ୍ଗକୁ ପାନୀୟ ଜଳ ଅସୁବିଧା ଯୋଗୁ ଲୋକେ ଡହଳବିକଳ ହେଉଛନ୍ତି। କେତେକ ଲୋକ ଯାନବାହନରେ ଅନ୍ୟ ଗାଁରୁ ଡ୍ରମରେ ପାନୀୟ ଜଳ ଆଣୁଥିବା ଦେଖିବାକୁ ମିଳୁଛି । ଏ ବିଷୟରେ ଭେଡେନ ବିଡିଓ ମୁରଲିଧର ନାୟକଙ୍କୁ ପଚରାଯିବାରୁ ପାନୀୟ ଜଳ ସମସ୍ୟା ଖୁବଶୀଘ୍ର ସମାଧାନ କରାଯିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ ।

ସେହିପରି ଅତାବିରା ବ୍ଲକ ଅମଲିପାଲି ଗ୍ରାମପଞ୍ଚାୟତ ସ୍ଥିତ ଗୁଡିପାଲିଠାରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଏକ ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି । ଫଳରେ ପାନୀୟ ଜଳ ପାଇଁ ଗୁଡିପାଲି ଓ କୁକେଡିରା ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି । ଉଭୟ ଗ୍ରାମର ଜନସଂଖ୍ୟା ୨୫ ଶହରୁ ଊର୍ଦ୍ଧ୍ୱ ହେବ । ଅଚଳ ହୋଇ ପଡିଥିବା ପ୍ରକଳ୍ପକୁ ମରାମତି କରି ତୁରନ୍ତ ଜଳ ଯୋଗାଣ କରା ନ ଗଲେ ଆଗାମୀ ଦିନରେ ପାଣି ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। କୁକେଡିରା ଠାରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ଗୁଡିପାଲି ଗାଁରେ ମଧ୍ୟ ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏଠାରେ ୩ ଟି ନଳକୂଅ ଥିଲେ ମଧ୍ୟ ଗୋଟିଏ ଅଚଳ ଓ ଅନ୍ୟ ଦୁଇଟି ନଳକୂପରୁ ଦୂଷିତ ପାଣି ବାହାରୁଛି । ନଳିଆର ଦୂଷିତ ପାଣିକୁ ଗ୍ରାମବାସୀ ବ୍ୟବହାର କରୁଥିବାରୁ ଝାଡାବାନ୍ତିରେ ଆକ୍ରାନ୍ତ ହେଲେଣି। ଗ୍ରାମର ଦୀପାଞ୍ଜଳି ପ୍ରଧାନ, ଗଣେଷ ବାରିକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ମଧ୍ୟ ଝାଡାବାନ୍ତି ଓ ପେଟ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି । ପ୍ରଶାସନ ଅଚଳ ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ ମରାମତି କରି ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏ ବିଷୟରେ ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସାଇମନ ଟପ୍ପୋଙ୍କୁ ପଚରାଯିବାରୁ ପାନୀୟ ଜଳ ପ୍ରକଳ୍ପର ବୋର୍ ଅଚଳ ହୋଇଯାଇଛି । ନୂତନ ବୋର୍ ଖୋଳାଯିବ। ହେଲେ ରାସ୍ତା ଖରାପ ଥିବାରୁ ବୋର୍ ଖୋଳିବା ପାଇଁ ଗାଡି ଯାଇପାରୁ ନ ଥିବାରୁ କାମ ହୋଇ ପାରୁନାହିଁ ବୋଲି କହିଥିଲେ ।

### ୨.୯୮କୁଇଣ୍ଟାଲ ଗଞ୍ଜେଇ ଜବତ

**ଘଣ୍ଟାପଡା, ୩୦।୩ (ଡି.ଏନ.ଏ.)**

ବୌଦ୍ଧ ଜିଲା ଲମ୍ବସରୀ ପଞ୍ଚାୟତର ଖଇରମାଳ ଜଙ୍ଗଲରେ ଗଞ୍ଜେଇ ପ୍ୟାକିଂ ହେଉଥିବାବେଳେ ପୋଲିସ ଶନିବାର ଚଢାଉ କରିଛି । ଚଢାଉ ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ୨ କୁଇଣ୍ଟାଲ ୯୮ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୯୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏ ନେଇ ୧୬ଜଣଙ୍କ ନାଁରେ ମାମଲା (ନଂ.୭୧/୧୯) ରୁଜୁ ହୋଇଛି । ଘଣ୍ଟାପଡା ଫାଣ୍ଡି ଅଧିକାରୀ ଏସଆଇ ପୂର୍ଣ୍ଣ ଚନ୍ଦ୍ର କିସାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢ଼ାଉ କରିଥିଲା । ସୂଚନାଯୋଗ୍ୟ, ଶୁକ୍ରବାର କନ୍ଧମାଳ ପୋଲିସ ଲମ୍ବସରୀ ପଞ୍ଚାୟତ ମୁଣ୍ଡାପଡା ଗ୍ରାମର ଗାନ୍ଧୀ ମାଝୀଙ୍କ ଘରୁ ୧କୁଇଣ୍ଟାଲ ୪ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

### ଗାଁ ଚୌକିଦାର
## ହଜାରେ ଟଙ୍କାରେ ଚଳୁଛି ପରିବାର

**ଗଣ୍ଡତୁରୁମ, ୩୦।୩ (ଡି.ଏନ.ଏ)**



ଚୌକିଦାର ବନମାଳି ଛୁରିଆ ।

ସାଧାରଣ ନିର୍ବାଚନ ପାଇଁ ମତଦାନ ଦିବସ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଲୋକଙ୍କ ନିକଟତର ହେବା ପାଇଁ ଅନେକ ପ୍ରକାର ନାରାବାଜି କରୁଛନ୍ତି । ଏଥିପାଇଁ କେହି ଦେଶର ଚୌକିଦାର କହି ଭାଷଣବାଜି କରୁଥିବା ଶୁଣିବାକୁ ମିଳୁଛି । ମାତ୍ର ଦେଶର ଚୌକିଦାର ଶବ୍ଦ ଉଚ୍ଚାରଣ କରୁଥିବା ନେତା ଏହାର ପ୍ରକୃତ ଅର୍ଥ ଜାଣି ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି । ଅସଲ ଚୌକିଦାର କିଏ ଲୋକେ ତାଙ୍କୁ ଭଲ ଭାବେ ଜାଣିଛନ୍ତି । ଗାଁ ଗହଳିରେ ମଧ୍ୟ ରାତ୍ରିରେ ହୋସିୟାର, ଖବରଦାର, ଜାଗତେ ରହୋ ଧ୍ୱନି କରି ଲୋକଙ୍କୁ ଆସନ୍ନ ବିପଦରୁ ସଜାଗ କରାଉଥିବା ବ୍ୟକ୍ତିଙ୍କୁ ଚୌକିଦାର ବୋଲି ଆଖ୍ୟା ଦିଆଯାଇଥାଏ । ଏପରିକି ଉକ୍ତ ବ୍ୟକ୍ତି ଗ୍ରାମର ପୂଜା ପାର୍ବଣ, ଗ୍ରାମସଭା ତଥା ପଞ୍ଚାୟତ ତରଫରୁ ପିଡିଏସ ସାମଗ୍ରୀ ବଣ୍ଟନ ଧାର୍ଯ୍ୟ ଦିନରେ ଡାକରା ପକାଇ ଲୋକଙ୍କୁ ସୂଚାଇ ଦେବା ତାଙ୍କ କର୍ତ୍ତବ୍ୟ । ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ମେହେନା ଗ୍ରାମର ଚୌକିଦାର ବନମାଳି ଛୁରିଆ । ପରିବାର କହିଲେ ସ୍ତ୍ରୀ ବେଦମତି, ପୁଅ ଗଣେଷ (୧୮), ସାରଥି (୧୨), ଝିଅ ଭାରତୀ (୧୫) । ସେମାନେ ଭାରୀ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏହି ପରିବାର ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବା ବେଳେ ସରକାରୀ ସହାୟତାରୁ ବଞ୍ଚିତ । କେବଳ ମାସିକ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି । ବନମାଳିଙ୍କ ସ୍ତ୍ରୀ ବେଦମତି ରୁଗ୍‌ଣ ହୋଇଥିବାରୁ କାମଧନ୍ଦା କରୁନାହାନ୍ତି । ବନମାଳି ଅତି କଷ୍ଟରେ ପରିବାର ପୋଷଣ କରୁଛନ୍ତି । ସେ ଗ୍ରାମର ନୂଆଖାଇ, ପୌଷ ପୂର୍ଣ୍ଣିମା ତଥା ଅନ୍ୟ ପୂଜା ପାର୍ବଣ ଡାକରା ପାଇଁ ୫୦ ଟଙ୍କା ଓ ପଞ୍ଚାୟତ ତରଫରୁ ଗାଁ ଗାଁ ଯାଇ ଡାକରା ପାଇଁ ମାସକୁ ୧ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ । ଏହି ରୋଜଗାର ତାଙ୍କ ପରିବାର ଚଳଣିରେ ନିଅଣ୍ଟ ପଡୁଥିବାରୁ ସେ ଅନ୍ୟ ପାଖରେ ଗୋତି ଶ୍ରମିକ ଭାବେ ଖଟିଥାନ୍ତି ବୋଲି ବନମାଳି କ୍ଷୋଭର ସହ କହିଥିଲେ। ଏପରିକି ଦୁଇ ଝିଅଙ୍କ ବାହାଘର ବେଳର ଋଣ ବୋଝ ମୁଣ୍ଡ ଉପରେ ରହିଥିବା ସେ କହିଛନ୍ତି ।

### ଉଚ୍ଚ ପ୍ରାଥମିକ, ବାଳିକା ସ୍କୁଲର ବାର୍ଷିକ ଉତ୍ସବ

**ବୌଦ୍ଧ,୩୦।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲା ବଲାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ପ୍ରକଳ୍ପ ସଂଯୋଜକ ଗେନ୍ଦେରା କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ସୁଯୋଗର ସଦୁପଯୋଗ କଲେ ବଡ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସଭାପତି ଘିବେଲା ଗଳ୍ପ ଛଳରେ ମୂଲ୍ୟବୋଧ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏବିଇଓ କମଳାକାନ୍ତ ଦଳବେହେରା, ଅଚ୍ୟୁତାନନ୍ଦ ସାହୁ, ପୁଷ୍ପାଞ୍ଜଳି ପୃଷ୍ଟି ଓ ବାଳିକା ଶିକ୍ଷା ସଂଯୋଜକ ଦେବାଷିଷ ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ଶୁଶୀଲ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ ଓ ମନୋରଞ୍ଜନ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା



ପଦ୍ମପୁର ଉପଜିଲାପାଳ ଅଫିସରେ ସାଧାରଣ ପର୍ଯ୍ୟବେକ୍ଷକ ଓ ଜିଲାପାଳ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି ।

## ପ୍ରସ୍ତୁତି ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

**ବରଗଡ଼ ଅଫିସ୍,୩୦।୩**

ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ସାଧାରଣ ପର୍ଯ୍ୟବେକ୍ଷକ ହିମଶିଖର ଗୁପ୍ତା ଶନିବାର ବରଗଡ଼ ଜିଲା ପଦ୍ମପୁର ଗସ୍ତରେ ଯାଇଥିଲେ । ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ଗୁପ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ । ସାଧାରଣ ନିର୍ବାଚନ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ତଥା ଆଦର୍ଶ ଆଚରଣ ବିଧି ପାଳନ, ଖର୍ଚ୍ଚ ତଦାରଖ ସଂକ୍ରାନ୍ତୀୟ ବିଭିନ୍ନ କମିଟି ଗଠନ, କାର୍ଯ୍ୟକାରିତା ଓ ପ୍ରସ୍ତୁତି ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ । ଜିଲା ନିର୍ବାଚନ ଅଧିକାରୀ ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ନିର୍ବାଚନ ସଂକ୍ରାନ୍ତୀୟ ନୀତି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଉପସ୍ଥିତ ପ୍ରାର୍ଥୀ, ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ରିଟର୍ଣ୍ଣିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ବିଜେପୁର ତହସିଲଦାର ପଦ୍ମନାଭ ସାମନ୍ତରାୟ, ଏସଡ଼ିପିଓ ପ୍ରଦୀପ କୁମାର ସାହୁ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ପଦ୍ମପୁର ବିଡ଼ିଓ ଏଲିଜା ମିଶ୍ର, ସବ୍‌ଟ୍ରେଜେରୀ ଅଫିସର ସଂଗ୍ରାମ କେଶରୀ ସାହୁ, ଏସଡ଼ିଆଇପିଆରଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ । ବୈଠକରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କେତେକ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକ ସରିବା ପରେ ପର୍ଯ୍ୟବେକ୍ଷକ ଗୁପ୍ତା ଇଭିଏମ ଓ ଭିଭିପାଟ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଥିଲେ ।

## ହକ୍ ମାଗୁଛି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ

**ସୋହେଲା,୩୦।୩ (ଡି.ଏନ.ଏ)**

ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ଅଭିଯୋଗରେ ବରଗଡ ଜିଲା ସୋହେଲା ଅଗ୍ରସେନଭବନଠାରେ ଶନିବାର ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ରାହୁଲ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସେହିପରି ପାଣିମୋରା ଗ୍ରାମରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଜନସଚେତନତା କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଓଡିଶାରୁ କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ୍ୟ ରାଜ୍ୟର ଉନ୍ନତି ପାଇଁ ଆର୍ଥିକ ସହାୟତା ଦେବା ପାଇଁ କୁଣ୍ଠାବୋଧ କରୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ନିଜର ହକ୍ ପାଇଁ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇ ଜାରି ରଖିବାକୁ ସେମାନେ ଆହ୍ୱାନ ଦେଇଥିଲେ । ଅମିଲାଲ ପଧାନ, ଗଜାନନ ସା, ସୌରୀ ସାହୁ, ନିଲୁ ଝାଙ୍କର, ହେମନ୍ତ କୁମାର ପଧାନ, ରାଜୁ ସାହୁ, ବୃନ୍ଦାବନ ବାରିକ, ସାରଥୀ ସରାଫ ପ୍ରମୁଖ ଉଦବୋଧନ ଦେଇଥିଲେ । ଏଥିରେ ବହୁ ଯୁବ ଓ ଛାତ୍ର ବହୁ ଯୋଗ ଦେଇଥିଲେ । ସୁବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅକ୍ରୁରଙ୍କ ମଥୁରା ପ୍ରତ୍ୟାବର୍ତ୍ତନ

**ପାଇକମାଳ, ୩୦।୩ (ଡି.ଏନ.ଏ)**



କଂସ ଦରବାରରେ ଉପସ୍ଥିତ ରାଜ ଅତିଥି।

ପାଇକମାଳ ବ୍ଲକ ମାଣ୍ଡିଆଢିପା ଗ୍ରାମ ପଢିଆରେ ୬ଷ୍ଠ ବର୍ଷ ଧନୁଯାତ୍ରା ମହୋତ୍ସବ ଚତୁର୍ଥ ଦିବସରେ ମହାରାଜ କଂସଙ୍କ ରଙ୍ଗସଭା ଆୟୋଜନ ହୋଇଯାଇଛି । ଗୋପପୁରରୁ ମଥୁରାକୁ ଅକ୍ରୁର ପ୍ରତ୍ୟାବର୍ତ୍ତନ କରିଥିଲେ । ରାଜ ଦରବାରକୁ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ କାଲିଆ, ବଳରାମ ସାହୁ, ଖବରଦାତା ସୁରଥ ସାହୁ, ଧନୁଯାତ୍ରା ମୁଖ୍ୟ ଉପଦେଷ୍ଟା ରାଜକିଶୋର ସାହୁ, ଶିକ୍ଷକ ଆଦ୍ରାବାଗ, ସଭାପତି ଡୋଲାମଣି ମହାର ଯୋଗ ଦେଇଥିଲେ । ରାତିରେ ଝାରବନ୍ଧ ତହସିଲଦାର ପଶୁର୍ରାମ ଆର୍ଯ୍ୟନ ପଣ୍ଡା, ପୂର୍ବତନ ସରପଞ୍ଚ ଧବଳେଶ୍ୱର ସାହୁ, ସିଆରସିସି ମହାଦେବ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ ।

## ଜାତୀୟ ପ୍ରଦର୍ଶନୀରେ ବରଗଡ଼ ଶିଳ୍ପୀଙ୍କ ଚିତ୍ରକଳା

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ର ଚିତ୍ରାନୁଷ୍ଠାନ କଳାକଳ୍ପନାର ଅଧ୍ୟକ୍ଷ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀ ଅର୍ଥ ବିଭାଗ କମିଟି ସଦସ୍ୟ ଶିଳ୍ପୀ ଅଶୋକ କୁମାର ଦାଶଙ୍କ ଚିତ୍ରକଳା ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇଛି । ଓଡ଼ିଶା ସରକାରଙ୍କ ଲଳିତ କଳା ଏକାଡ଼େମୀ ଦ୍ୱାରା ଆୟୋଜିତ ଏହି ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଆୟୋଜିତ ହୋଇଥିଲା । ଏହି ପ୍ରଦର୍ଶନୀରେ ତାଙ୍କ କାନଭାସ୍ ତୈଳଚିତ୍ର ପ୍ରକୃତି ଶୀର୍ଷକ ଚିତ୍ରଟି ସ୍ଥାନିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିବା ଶିଳ୍ପୀ ଦାଶ ସୂଚନା ଦେଇଛନ୍ତି । ଏହି ପ୍ରଦର୍ଶନୀକୁ ଓଡ଼ିଶା ଭବନର ରେସିଡେଣ୍ଟ କମିଶନର ସୁନୀଲ ଭାର୍ଗବ, ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଚିବ ମାନସ ରଞ୍ଜନ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହାସହିତ ଚିତ୍ରକଳା ସୂଚୀ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ ।



ଜାତୀୟ ପ୍ରଦର୍ଶନୀରେ ସ୍ଥାନିତ ବରଗଡ଼ ଶିଳ୍ପୀଙ୍କ ଚିତ୍ରକଳା ।

## ପ୍ଲେସ୍‌ମେଣ୍ଟରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୩୦।୩**



ଖୁସବୁ ଅଗ୍ରୱାଲ ।



ମେଘା ଜୈନ।



ଦୀପକ ପ୍ରଧାନ।

ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ଚଳିତବର୍ଷ ନିଯୁକ୍ତି କ୍ଷେତ୍ରରେ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ୱିପ୍ରୋ, ଟିସିଏସ୍, ଇନଫୋସିସ୍, ଆଇବିଏମ କନସେଣ୍ଟିକ୍ସ ଏବଂ କ୍ୟାପଜେମିନି ଭଳି ଆନ୍ତର୍ଜାତୀୟ ସଂସ୍ଥାରେ ପ୍ରତିବର୍ଷ ଭଳି ଏବର୍ଷ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ ସହିତ ନିଯୁକ୍ତି ପାଇଛନ୍ତି। ଗତ ୨୬ତାରିଖ ୱିପ୍ରୋ ପକ୍ଷରୁ ହୋଇଥିବା ଚୟନ ପ୍ରକ୍ରିୟାରେ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ବିଜ୍ଞାନ ବିଭାଗର ୩ଛାତ୍ରୀଛାତ୍ର ଏଭଳି ସଫଳତା ପାଇଛନ୍ତି। ସେମାନେ ହେଲେ, ଦୀପକ କୁମାର ପ୍ରଧାନ, ଖୁସବୁ ଅଗ୍ରୱାଲ ଏବଂ ମେଘା ଜୈନ । ଚଳିତବର୍ଷ ଟିସିଏସ୍‌ରେ ମଧ୍ୟ ବିକାଶ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗର ଅନ୍ୟ ୩ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି । ଛାତ୍ରୀଛାତ୍ରଙ୍କ ପ୍ଲେସମେଣ୍ଟ ସଫଳତା ପାଇଁ ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଡିଗ୍ରୀ କଲେଜର କୋର୍ଡ଼ିନେଟର ତଥା ଅଧ୍ୟାପକ ଆଦିତ୍ୟ ପ୍ରଧାନ, ବିକାଶ ପ୍ଲେସମେଣ୍ଟ ସେଲ୍‌ର ଆରଏସଭି କ୍ରୀଷ୍ଣା ସମସ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବଡ଼ଗୁର୍ଜିଭଟାରେ ଭାଗବତ ପାରାୟଣ

**ଖପ୍ରାଖୋଲ, ୩୦।୩(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟାରେ ଏକାଦଶୀ କମିଟି ଦ୍ୱାରା ଆୟୋଜିତ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ସାତଦିନ ବ୍ୟାପୀ ଆୟୋଜିତ ଭାଗବତ ସପ୍ତାହ ପାରାୟଣ ପାଇଁ ଗ୍ରାମ ଉତ୍ସବ ମୁଖର ହୋଇଉଠିଥିଲା। କର୍ତ୍ତାଭାବେ ଶ୍ରୀପତୀ ଭୋଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମ ଦିନ କଳସ ଶୋଭାଯାତ୍ରା ସହ ଭାଗବତ ପୂଜନ, ପୁରାଣ ପଠନ, ଗୋ ବ୍ରାହ୍ମଣ ପୂଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଗବତ ମଧ୍ୟରେ ଥିବା ବିଭିନ୍ନ କଥାବସ୍ତୁର ନାଟ୍ୟ ରୂପାନ୍ତର, ରୁକ୍ମିଣୀ ବିବାହ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ବାରିକ, ଶ୍ରୀବତ୍ସ ସେଲମା, ୱାର୍ଡମେମ୍ବର ଘନଶ୍ୟାମ ବାରିକ, ଚତୁର୍ଭୁଜ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଭୁଲ୍ ଇଞ୍ଜେକସନ୍ ଦେବାରୁ ରୋଗୀ ଗୁରୁତର

**ସଇଁତଲା, ୩୦।୩ (ଡି.ଏନ.ଏ.):** ଭୁଲ ଇଞ୍ଜେକସନ୍ ଦେବାରୁ ଜଣେ ରୋଗୀଙ୍କ ଅବସ୍ଥା ସାଂଘାତିକ ହୋଇଥିବା ଅଭିଯୋଗ ହୋଇଛି। ସଇଁତଲା ବ୍ଲକ ଲାଟୁଟ ଗ୍ରାମର ପୂର୍ଣ୍ଣିମା ସାହୁ (୬୦)ଙ୍କ ଗୋଡ଼ ହାତ ଦରଜ ହେବାରୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ୧୧ ତାରିଖ ଆସିଥିଲେ। ଉପସ୍ଥିତ ଡାକ୍ତର ତାଙ୍କୁ କିଛି ଔଷଧ ଏବଂ ଗୋଟିଏ ଇଞ୍ଜେକ୍‌ସନ ଲେଖିଥିଲେ। ମହିଳା ଜଣକ ଡ଼ାକ୍ତରଖାନାରେ ମିଳୁଥିବା ଔଷଧ ଏବଂ ଇଞ୍ଜେନସନ ନେଇଥିଲେ। ଉପସ୍ଥିତ ନର୍ସ ପୂର୍ଣ୍ଣିମାଙ୍କ ଅଣ୍ଟାରେ ଇଞ୍ଜେକ୍‌ସନ୍ ଦେଇଥିଲେ। ଇଞ୍ଜେକ୍‌ସନ୍ ଦିଅଯିବା ପରେ ତାଙ୍କ ଅସୁସ୍ଥତା ବଢ଼ିଥିବା ଅଭିଯୋଗ କରିଥିଲେ। ୨/୩ ଦିନ ପରେ ଇଞ୍ଜେକ୍‌ସନ୍ ନେଇଥିବା ସ୍ଥାନଟି ଫୁଲିବା ସହ ପଥର ଭଳି ଟାଣ ହୋଇଯିବାରୁ ଡାକ୍ତରଙ୍କୁ ଦେଖାଇଥିଲେ ଓ ଠିକ୍ ଭାବରେ ଚାଲିପାରୁ ନ ଥିବା କହିଥିଲେ। ଡାକ୍ତର ଏହା ଦେଖିବା ପରେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ ହସପିଟାଲକୁ ଆସି ଡାକ୍ତରଙ୍କୁ ଦେଖାଇବା ପରେ ଭୁଲ ସ୍ଥାନରେ ଇଞ୍ଜେକ୍‌ସନ୍ ଦିଆଯାଇଥିବାରୁ ଏଭଳି ଅସୁସ୍ଥତା ହୋଇଛି କହି ତୁରନ୍ତ ଏହାକୁ ଅପରେଶନ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ନର୍ସ ଭୁଲ ସ୍ଥାନରେ ଇଞ୍ଜେକ୍‌ସନ୍ ଦେଇଥିବାରୁ ଏଭଳି ହୋଇଛି ଓ ଏବେ ଅପରେଶନ୍ କରିବାକୁ ପଡିବ ବୋଲି ପୂର୍ଣ୍ଣିମା ଅଭିଯୋଗ କରିଛନ୍ତି।

### ବ୍ୟାନର, ପୋଷ୍ଟର ହଟାଇଲା ଫ୍ଲାଇଂ ସ୍କ୍ୱାଡ୍

**ଲୋଇସିଂହା,୩୦।୩(ଡି.ଏନ.ଏ):** ବଲାଙ୍ଗୀର ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଲୋଇସିଂହା ବ୍ଲକର ବିଭିନ୍ନ ସରକାରୀ ସ୍ଥାନମାନଙ୍କରେ ରାଜନୈତିକ ଦଳ ଓ ନେତାଙ୍କ ଲାଗିଥିବା ନିର୍ବାଚନ ସଂକ୍ରାନ୍ତ ବ୍ୟାନର, ପୋଷ୍ଟ ଜବତ କରାଯାଉଛି। ସ୍କ୍ୱାଡ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କୃଷିବିଭାଗ ଡିଡିଏ ସୁଧୀର ଦାସଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଆର. କୁମାର ଓ ଅନ୍ୟାନ୍ୟ କର୍ମଚାରୀ ଜାତୀୟ ରାଜପଥ,ସ୍କୁଲ ପାଚେରି, ବିଦ୍ୟୁତ ଖୁଣ୍ଟମାନଙ୍କରେ ଲାଗିଥିବା ରାଜନୈତିକ ଦଳ ଓ ନେତାଙ୍କ ପୋଷ୍ଟର ହଟାଯାଇଛି।

ପୁଇଁନ୍ତଲା ବିଡିଓ ଅପହରଣ ଘଟଣା

# ଧରାପଡ଼ିନାହାନ୍ତି ଅଭିଯୁକ୍ତ ବ୍ଲକ ଉପାଧ୍ୟକ୍ଷ

**ବଲାଙ୍ଗୀର ଅଫିସ, ୩୦।୩**

- ରାଜନୈତିକ ଲିଙ୍କ୍‌କୁ ନେଇ ରାଜନେତାଙ୍କ ବୟାନବାଜି
- ସୋସିଆଲ ମିଡିଆରେ ଫଟୋ ଭାଇରାଲ
- ପ୍ରତିପକ୍ଷଙ୍କ ଅଭିଯୋଗକୁ ଖଣ୍ଡନ କଲା କଂଗ୍ରେସ

ବଲାଙ୍ଗୀର ଜିଲା ପୁଇଁନ୍ତଲା ବିଡିଓ ସରୋଜ ମିଶ୍ରଙ୍କୁ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଅପହରଣ କରାଯାଇଥିଲା । ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ ଗୁରାଣ୍ଡି ଓ ତାଙ୍କର ଅନ୍ୟ ୫ ସହଯୋଗୀ ବିଡିଓଙ୍କୁ ତାଙ୍କ ଅଫିସରୁ ଜୋର ଜବରଦସ୍ତ ଅପହରଣ କରିନେଇଥିବା ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଥିଲା। ଏହି ଅପହରଣର ୨ ଘଣ୍ଟା ପରେ ବିଡିଓ ମିଶ୍ରଙ୍କୁ ଅପହରଣକାରୀମାନେ ବଲାଙ୍ଗୀର ସହରର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାଖରେ ଛାଡିଦେଇ ଫେରାର ହୋଇଥିବା ନେଇ ଏସପି କେ. ଶିବା. ସୁବ୍ରମଣି ସୂଚନା ଦେଇଥିଲେ। ଠିକାକାମର ବିଲ୍ ମଞ୍ଜୁରକୁ ନେଇ ବିଡିଓଙ୍କୁ ଅପହରଣ କରାଯାଇଥିବା ଆଲୋଚନା ହେଉଛି। ଅପହରଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କୁ ଗିରଫ କରିପାରି ନ ଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏନେଇ ସଦର ଏସଡିପିଓ ଶ୍ରୀମନ୍ତ ବାରିକଙ୍କୁ ପଚରାଯାଇଥିଲେ ମଧ ସେ ଅଧିକ ତଦନ୍ତ ଚାଲିଛି ବୋଲି କହିଛନ୍ତି।

ଇତିମଧ୍ୟରେ ଅପହରଣ ଘଟଣାକୁ ୪୮ ଘଣ୍ଟା ପୂରି ଯାଇଥିଲେ ମଧ ଅଭିଯୁକ୍ତ ଉପାଧ୍ୟକ୍ଷଙ୍କ ପତ୍ତା ମିଳି ନ ଥିବାରୁ ଅପହରଣ ଘଟଣା ପଛରେ ପ୍ରକୃତରେ କ'ଣ କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ତେବେ ବିଡିଓ ଅପହରଣ ପଛରେ ଉପାଧ୍ୟକ୍ଷ ଗୁରାଣ୍ଡି ହିଁ ମାଷ୍ଟରମାଇଣ୍ଡ ଜଣାପଡିବା ପରେ ବିରୋଧୀଦଳ ପ୍ରତିନିଧିମାନେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ପୁଇଁନ୍ତଲା ବ୍ଲକ୍‌ରେ କଂଗ୍ରେସ ଦଳର ଅଧକ୍ଷ ଓ ଉପାଧ୍ୟକ୍ଷ ରହିଛନ୍ତି । ବିଜେଡିର ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ବିରୋଧୀଦଳ ନେତାଙ୍କ ନାଁ ନନେଇ ତାଙ୍କୁ ଟାର୍ଗେଟ କରିଛନ୍ତି । ଅଭିଯୁକ୍ତ ଗୁରାଣ୍ଡିଙ୍କ ସହ ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଭାଜପା ବିଧାୟକ ପ୍ରାର୍ଥୀ ଅନନ୍ତ ଦାଶ ମଧ୍ୟ କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଦାୟୀ କରି ଗୁଣ୍ଡାଗର୍ଦ୍ଦି କଥା ଉଠାଇଛନ୍ତି। ଅନ୍ୟପକ୍ଷେ ବିଡିଓ ଅପହରଣ ଘଟଣା ଜଣାପଡିବା ପରେ କଂଗ୍ରେସ ଜିଲା ସଭାପତି ଦିଲୀପ ବେହେରା ବ୍ଲକ୍ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କୁ ଦଳରୁ ବହିଷ୍କାର କରିଛନ୍ତି । ଘଟଣାକୁ ନେଇ ବିରୋଧୀଦଳ ନେତା ନରସିଂହ ମିଶ୍ର ଗଣାମଧ୍ୟକୁ ସୂଚନା ଦେଇ ବିଡିଓ ଅପହରଣ ଘଟଣାକୁ ନିନ୍ଦା କରିବା ସହ ଏହି ଘଟଣାରେ ଯିଏ ବି ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ବିଡିଓ ଅପହରଣ ଘଟଣା ପରେ ବ୍ଲକର୍ କର୍ମଚାରୀମାନେ ଭୟଭୀତ ହୋଇପଡିଛନ୍ତି। ଶନିବାର କର୍ମଚାରୀମାନେ ସୁରକ୍ଷା ଦିଆଯିବାକୁ ଦାବି କରିଥିଲେ। ଅନ୍ୟପଟେ ଅପହରଣ ଘଟଣା ପରେ ବିଡିଓ ମାନସିକ ଚାପରେ ରହିଥିବାରୁ ଘଟଣା ସମ୍ପର୍କରେ ବିଶେଷ କିଛି ଜଣାପଡି ନ ଥିବା ଜିଲାପାଳ ଓ ଏସପି ସୂଚନା ଦେଇଛନ୍ତି । ଅଭିଯୁକ୍ତମାନଙ୍କୁ ପୋଲିସ ତନାଘନା ଖୋଜୁଥିବା ଏସ୍‌ପି ସୁବ୍ରମଣି ସୂଚନା ଦେଇଛନ୍ତି।

### ମଦ ଜବତ, ଜଣେ ଗିରଫ

**ସଇଁତଲା, ୩୦।୩ (ଡି.ଏନ.ଏ.)**

ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନର ବିଭିନ୍ନ ଆପରାଧିକ, ଆର୍ଥିକ କାରବାରକୁ ରୋକିବା ପାଇଁ ସ୍କ୍ୱାଡ଼ ଗଠନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଇଁତଲା ବ୍ଲକରେ ଦୁଇଟି ସ୍କ୍ୱାଡ଼ ସକାଳ ୮ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହ ତନଖି କରୁଛନ୍ତି। ଶନିବାର ଷ୍ଟାଷ୍ଟିକ ସର୍ଭିଲାନ୍ସ ଟିମ ତନଖି କରୁଥିବା ସମୟରେ ସଇଁତଲାର ଅନିରୋହି ଦାସ(୪୨) ନିଜ ସାଇକେଲରେ ଦୁଇଟି ପ୍ଲାଷ୍ଟିକ ବ୍ୟାଗରେ ମଦ ନେଇ ଯାଉଥିବା ସମୟରେ ଧରାପଡ଼ିଥିଲେ। ତାଙ୍କଠାରୁ ୧୦୦ଟି ମଦ ପାଉଚ ଜବତ କରାଯାଇଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ସୂତ୍ରରୁ ଜଣାଯାଏ । ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଇଁତଲାର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝୀ, ପୋଲିସ ଏଏସଆଇ ମହେଶ୍ୱର ସୁନାନୀ ନବୀନ ଛକଠାରେ ତନଖି କରୁଥିବା ସମୟରେ ମଦ ଜବତ କରିବା ସହ ରୋହିଦାସକୁ ଗିରଫ କରିଥିଲେ ।

## ରେଲୱେ ଷ୍ଟେଶନ ପରିସରରୁ ବିପୁଳ ମଦ ଜବତ, ୩ ଗିରଫ

**କଣ୍ଟାବାଞ୍ଜି, ୩୦।୩(ଡି.ଏନ.ଏ.)**

କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ ପରିସରରେ ସ୍ଥାନୀୟ ଟାଉନ ପୋଲିସ, ଜିଆରପି କଣ୍ଟାବାଞ୍ଜି ଓ ଟିଟିଲାଗଡ ମିଳିତଭାବେ ଶନିବାର ଚଢାଉ କରି ଲକ୍ଷାଧିକ ଟଙ୍କାର ମଦ ଜବତ କରିଛି। ପୋଲିସ ସୂଚନା ଅନୁସାରେ ରେଳ ଷ୍ଟେଶନ ପରିସରରେ ବେନିୟମ ମଦ ବାର ସହିତ କୁଚିଆ ମଦ କୋଠି ଗଢି ଉଠିଛି । ଦୀର୍ଘବର୍ଷ ହେଲା ଚାଲି ଆସିଥିବା ବେଳେ ଚଳିତ ନିର୍ବାଚନକୁ ସୂଚାରୁ ରୂପେ ପରିଚାଳିତ କରିବା ନେଇ ସ୍ଥାନୀୟ ଏସଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ମିଳିତ ଚଢାଉ କରାଯାଇଥିଲା। ଆଇଆଇସି ବିଜୟାନନ୍ଦ କରାକରାଙ୍କ ସୂଚନା ଅନୁସାରେ ଏସ.କେ.ଅମଜଦଙ୍କ ବେଆଇନ ମଦ ବାରରୁ ଲକ୍ଷାଧିକ ଟଙ୍କାର ମଦ ଜବତ କରାଯାଇଥିବା ବେଳେ ମାଲିକ ଫେରାର ହୋଇଯାଇଛନ୍ତି। ତାର କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେହି ପରି ରେଲୱେ ମାଜିଷ୍ଟ୍ରେଟଙ୍କ ବାସଭବନର ଅନତି ଦୂରରେ ଥିବା ମଦ କୋଠିରୁ ମଧ ଲକ୍ଷାଧିକ ଟଙ୍କାର ମଦ ଜବତ କରାଯିବା ସହ ଦୁଇ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛି । ମାଲିକ ଫେରାର ହୋଇଯାଇଛନ୍ତି। ଏହି ଚଢାଉରେ ଟିଟିଲାଗଡ ଜିଆରପି ସବ୍‌ଇନ୍ସପେକ୍ଟର ଅଶୋକ କୁମାର ସାହୁ, ସବ୍ ଇନ୍ସପେକ୍ଟର ଡି.ନାୟକ, ଏଏସଆଇ ଦଣ୍ଡସେନା ବାବୁ, ଏଏସଆଇ ଶୁଭେନ୍ଦୁ ବିଶ୍ୱାଳଙ୍କ ସହ କଣ୍ଟାବାଞ୍ଜି ପୋଲିସ ସାମିଲ ଥିଲେ । ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ସାଇକେଲ ଷ୍ଟାଣ୍ଡ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୬ କୋର୍ଟଚାଲାଣ

**କଣ୍ଟାବାଞ୍ଜି, ୩୦।୩(ଡି.ଏନ.ଏ.)**

କଣ୍ଟାବାଞ୍ଜି ରେଲୱେ ଷ୍ଟେଶନସ୍ଥିତ ସାଇକେଲ ଷ୍ଟାଣ୍ଡର ମାଲିକ ସାହିଲ ଖାନ ଓରଫ ସୁଲିଙ୍କୁ ଟେମ୍ପୁ ଚାଳକମାନେ ଗତ ଗୁରୁବାର ମରାଣାନ୍ତକ ଆକ୍ରମଣ କରିଥିଲେ। ଜିଆରପି ଥାନାରେ ସାହିଲ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଟାଉନ ପୋଲିସ ଓ ଜିଆରପି ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ ପରେ ଶନିବାର ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ କଳାକୃଷ୍ଣ ବେହେରା, କୁମଣିନାଗ, ନକୁଳ ସାହୁ, ସଞ୍ଜୟ ସିଂ ଓରଫ ସୋନି, ନିଲା ଫୁଟେଲ ଓ ସୌଖତ ଅଲି ଓରଫ ଖାନଙ୍କୁ ଜିଆରପି ଥାନାରେ ଦଫା ୧୪୭, ୧୪୮, ୩୪୧, ୩୨୩, ୩୨୪, ୨୯୪, ୪, ୩୯୪, ୫୦୬, ୧୪୯ ରେ ଏକ ମାମଲା (ନଂ.୧୬/୧୯) ରୁଜୁ କରାଯାଇ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ବଲାଙ୍ଗୀର ୧୮ ନମ୍ବର ୱାର୍ଡ ତୁଳସୀ ନଗରରେ ବଲାଙ୍ଗୀର ବିଧାନ ସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓଙ୍କ ନିର୍ବାଚନୀ ପ୍ରଚାର କରୁଛନ୍ତି। (ଫଟୋ: ସୁନୀଲ)

## କବିତା ସଂକଳନ ଇଟାଭାଟିର ସଖାଲ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୩୦।୩**



ଅତିଥିମାନେ ଇଟାଭାଟିର ସଖାଲ କବିତା ସଙ୍କଳନ ଉନ୍ମୋଚିତ କରୁଛନ୍ତି।

ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଶନିବାର ପୂର୍ବାହ୍ନରେ କବି ଆନନ୍ଦଚନ୍ଦ୍ର ସାହୁଙ୍କ କବିତା ସଂକଳନ ଇଟାଭାଟିର ସଖାଲର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଛି। ଏହି ଉନ୍ମୋଚନ ସମାରୋହରେ କବି ଚତୁର୍ଭୁଜ ସାଆନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କୋଶଲୀ କଥାକାର ବଳଦେବ ଦୀକ୍ଷିତ ଯୋଗ ଦେଇଥିଲେ । ଆଲୋଚକଭାବେ କବି ଭିକାରୀ ମିଶ୍ର, କବି ନବୀନ ବିଶ୍ୱବନ୍ଧୁ ଓ ଦିଲୀପ ପଶାୟତ ଯୋଗଦେଇ ସଂକଳନ ଉପରେ ଆଲୋଚନା କରିଥିଲେ । ଦେବାଶିଷ ମିଶ୍ର ଅତିଥି ନିମନ୍ତ୍ରଣ କରିଥିବାବେଳେ ତହଁକର ସମ୍ପାଦକ ରାଜେଶ ଦଣ୍ଡସେନା ଅତିଥି ପରିଚୟ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଇଟାଭାଟିର ସଖାଲ କ୍ରିଏଟିଭ ଆୱାର୍ଡ ପ୍ରଦାନ କରାଯାଇଥିଲା। କବିତାରେ ଗଣେଶ ବାରିକ, ଦିଲୀପ କୁମାର ସରାଫ, ବ୍ୟଙ୍ଗ କବିତାରେ ଯୁବକବି ଅର୍ଜୁନ କୁମାର ସାହୁ, ସମାଜସେବାରେ ମୃତ୍ୟୁଞ୍ଜୟ କୁମାର, କଥାନି ବର୍ଗରେ ସୁରଜ କୁମାର ସାହୁଙ୍କୁ ଅତିଥିମାନେ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ଇଟାଭାଟିର ସଖାଲ କବିତା ସଂକଳନର ୧୧ଟି କବିତାକୁ ୧୧ ଜଣ ଯୁବକବି ଆବୃତ୍ତି କରିଥିଲେ । ଏହି କାର୍ଯ୍ୟକ୍ରମରେ ସୀମା ମହାପାତ୍ର, ଗଣେଶ ବାରିକ, ରୁକ୍ମଣ ବିଶ୍ୱାଳ, ଭରତ ମେହେର, ବବୁନ ପୁରୋହିତ, ଉମେଶ ବିଶ୍ୱାଳ, ପୁରୁତମ ଜୁଆଡି, ଦିଲୀପ କୁମାର ସରାଫ, ସୁରଜ କୁମାର ସାହୁ, କ୍ଷୀରୋଦ୍ର କୁମାର ସାହୁ, ଘନଶ୍ୟାମ ମେହେର ସାମିଲ ହୋଇଥିଲେ । ଶେଷରେ ଶ୍ୟାମପ୍ରସାଦ ଗୁରୁ ଧନ୍ୟବାଦ ଦେଇଥିଲେ।

### ଟିଟିଲାଗଡ ଓକିଲ ସଂଘ ନିର୍ବାଚନ
### କୃଷ୍ଣଚନ୍ଦ୍ର ସଭାପତି, ମହେଶ ସମ୍ପାଦକ ନିର୍ବାଚିତ

**ଟିଟିଲାଗଡ, ୩୦।୩ (ଡି.ଏନ.ଏ)**

ଟିଟିଲାଗଡ ଓକିଲ ସଂଘର ସଭାପତି ଓ ସମ୍ପାଦକ ପଦ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତିଭାବେ କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ମହେଶ ମହାନ୍ତି, ଉପସଭାପତି ଜୟରାଜ ସାହୁ, ଯୁଗ୍ମସମ୍ପାଦକ ସୁରେନ୍ଦ୍ରନାଥ ପୋଢ଼, କୋଷାଧ୍ୟକ୍ଷ ଭାବେ ସୁନ୍ଦରଲାଲ ଶର୍ମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଦସ୍ୟ ଭାବେ କାଳିପ୍ରସାଦ ମୁଖାର୍ଜୀ, କମ୍ବୁପାଣି ପାଢ଼ୀ, ପ୍ରଦୀପ ମହାପାତ୍ର, ଶ୍ୟାମପ୍ରସାଦ ଗରିହା, ଆଲୋକ ନାୟକ, ଟିକେରାମ ସାହୁ, ଅରବିନ୍ଦଲାଲ ମେହେଟୋ, ସଞ୍ଜୟ ବେହେରା, ରଘୁନାଥ ରଥ, ପ୍ରଭାସ ଚନ୍ଦ୍ର ବହିଦାର ପ୍ରମୁଖ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡା (ସି) ସୂଚନା ଦେଇଛନ୍ତି। ଏହି ନିର୍ବାଚନ ପରିଚାଳନାରେ ଡମ୍ବରୁଧର କର୍ମୀ, ସୁଧାଂଶୁ ମହାନ୍ତି ଏବଂ ପ୍ରଫୁଲ୍ଲ ବିଶି ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ।

## ନାବାଳକ ଅପହରଣ ଉଦ୍ୟମ ପଣ୍ଡ

**ଟିଟିଲାଗଡ଼, ୩୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଜଣେ ନାବାଳକ ଛାତ୍ରଙ୍କୁ ଚାରି ଜଣ ମହିଳାଙ୍କ ଅପହରଣ ଉଦ୍ୟମ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ଜନୈକ ଅଟୋ ଚାଳକଙ୍କ ତତ୍ପରତା ନେଇ ସମ୍ପୃକ୍ତ ଅପହରଣକାରୀ ଫେରାର ମାରିଥିବା ଜଣାଯାଇଛି। ସ୍ଥାନୀୟ ରେଳବାଇ ପୋଲିସ ସୂଚନା ପାଇ ନାବାଳକଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଚାଇଲ୍ଡ ହେଲ୍ପ ଲାଇନକୁ ସୂଚିତ କରିଥିଲା। ପରେ ବଲାଙ୍ଗୀର ସିଡବ୍ଲୁସିଙ୍କ ହସ୍ତକ୍ଷେପ ପରେ ନାବାଳକ ଛାତ୍ରଙ୍କୁ ଶନିବାର ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାରୁ ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଶିଶୁ ମନ୍ଦିରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ପ୍ରୟାସ ପାତ୍ର ଏକ ସାଇକେଲରେ କଟକିଆ ପଡା ରାସ୍ତାରେ ଯାଉଥିଲେ। ସେତିକି ବେଳେ ଚାରି ଜଣ ଅଜଣା ମହିଳା ରାସ୍ତା ପଚାରିବା ବାହାନାରେ ପ୍ରୟାସକୁ ଅଟକାଇ ବଳପୂର୍ବକ ଏକ ଚକଲେଟ ଖୁଆଇ ଦେଇଥିଲେ। ଚକଲେଟ ଖାଇବା ପରେ ସେଠାରେ ପ୍ରୟାସ ଚେତା ହରାଇ ପଡିଯାଇଥିଲେ। କିଛି ଦୂରରେ ଏହି ଦୃଶ୍ୟ ଦେଖି ପାରିଥିବା ଜଣେ ଅଟୋ ଚାଳକ କଣ ହେଲା ବୋଲି ଧାଇଁ ଆସିବାରୁ ମହିଳାମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ଟିଟିଲାଗଡ ଜିଆରପି, ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟ ଶିବାନନ୍ଦ ବେହେରାଙ୍କ ପକ୍ଷରୁ ସିଡବ୍ଲୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ତଥା ସଦସ୍ୟ ନନ୍ଦି କିଶୋର ଷାଣ୍ଡ, ଗୋଦାବରିଶ ରଥଙ୍କଠାରେ ପ୍ରୟାସକୁ ଜିମା ଦିଆଯାଇଥିଲା। ଅନୁସନ୍ଧାନରେ ପ୍ରୟାସ ନିଜ ପରିଚୟ ସ୍ପଷ୍ଟ କରିଥିଲା। ଟିଟିଲାଗଡ ସହରର ବହିଦାର ପଡାରେ ଅଜା ଘରେ ରହି ପାଠ ପଢୁଥିବା ତଥା ମାତାପିତା ମୁନିଗୁଡା, ତେଲେଙ୍ଗାପଦରରେ ରହୁଥିବା ପ୍ରୟାସ ଜଣାଇଥିଲା। ଖବର ପାଇ ପିତା ବାବୁଲି ପାତ୍ର ଏବଂ ମା ସବିତା ବଲାଙ୍ଗୀର ପହଞ୍ଚି ସିଡବ୍ଲୁସି ନିକଟରୁ ପ୍ରୟାସକୁ ନେଇ ଫେରିଛନ୍ତି।





ଉପରଝରରେ କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ସମାବେଶରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ଦେଉଛନ୍ତି।

## ଜୋନସ୍ତରୀୟ କଂଗ୍ରେସ କର୍ମୀ ସମାବେଶ

**ଦେଓଗାଁ,୩୦।୩(ଡି.ଏନ.ଏ.)**

ଦେଓଗାଁ ବ୍ଲକରେ ଚଳିତ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଉତ୍ତପ୍ତତା ଜୋର ଧରିଛି । ଶନିବାର ଉପରଝରଠାରେ ୧୩ନଂ ଜୋନସ୍ତରୀୟ କଂଗ୍ରେସର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଯୁଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର, ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ କଂଗ୍ରେସ ପ୍ରତି ଆସ୍ଥା ପ୍ରକଟ କରିବାକୁ ଅନୁରୋଧ କରିଥିଲେ। ସମାବେଶରେ ବକ୍ତବ୍ୟ ରଖି ନରସିଂହ କହିଥିଲେ ଯେ, କଂଗ୍ରେସ ଦଳ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କଲେ ପ୍ରଥମେ କୃଷିଋଣ ସମ୍ପୂର୍ଣ୍ଣ ମାତ୍ରାରେ ଛାଡ କରାଯିବ। ବେକାରୀ ଭତ୍ତା ପ୍ରଦାନ ସହ ବାର୍ଦ୍ଧକ୍ୟ ଭତ୍ତା ଅତିକମରେ ୧୫ଶହ ଟଙ୍କା କରାଯିବ। ପ୍ରତ୍ୟେକ ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଯୋଗାଇ ଦିଆଯିବ ସହ ଧାନର ସହାୟକ ମୂଲ୍ୟ ୨୬ଶହଟଙ୍କା କରାଯିବ ବୋଲି ଅଖିଳ ଭାରତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ଯେଉଁ ଘୋଷଣା କରି ସାରିଛନ୍ତି ତାହା କାର୍ଯ୍ୟକାରୀ କରାଯିବ। ଯଦି କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ପାରେ ଜନତା ଯାହା ଦଣ୍ଡ ଦେଲେ ଆମେ ସହିବୁ ବୋଲି ସେ କହିଥିଲେ । ଏହି ଅବସରରେ ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ରେଣୁକା ପାତ୍ର, କୁଲୁତାପଡା ଗଉନ୍ତିଆ ଅନନ୍ତ ଚୌହାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବ୍ଲକ ଯୁବ କଂଗ୍ରେସ ସଭାପତି ସମୀର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ତାରାକାନ୍ତ ବାଗ, ମକୁନ୍ଦପୁର ସରପଞ୍ଚ ବାଳକ ପଧାନ, ଯୁବନେତା ବିଶ୍ୱଜିତ ପାତ୍ର, ଅସିତ ମିଶ୍ର, କାନ୍ତେଶ୍ୱର ପଧାନ, ଉପରଝର ସମିତି ସଭ୍ୟା ବୀଣାପାଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ଚିନିକଳକୁ କାର୍ଯ୍ୟକ୍ଷମ କରି ନ ପାରି ଜିଲା ତଥା ବିଶେଷ କରି ଦେଓଗାଁ ବ୍ଲକ ପ୍ରତି ଅଣଦେଖା କରାଯିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାବେଶରେ ୧୩ନଂ ଜୋନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନାଟବାଦୀ, ଗୀତିନାଟ୍ୟ ପ୍ରତିଯୋଗିତାର ଅଷ୍ଟମ ସନ୍ଧ୍ୟା

# ମଞ୍ଚସ୍ଥ ହେଲା ନାଟକ ଶର୍ମିଷ୍ଠା

**ବଲାଙ୍ଗୀର ଅଫିସ, ୩୦।୩**



ନାଟକ ଶର୍ମିଷ୍ଠାର ଏକ ଦୃଶ୍ୟ।

ବଲାଙ୍ଗୀର ସଦାଇପାଲି ସାଇଟସ୍ଥିତ ରାଧାକୃଷ୍ଣ ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟବାଦୀ ଓ ଗୀତିନାଟ୍ୟ ପ୍ରତିଯୋଗିତାର ଅଷ୍ଟମ ସନ୍ଧ୍ୟାରେ ନାଟକ ଶର୍ମିଷ୍ଠା ଓ ଗୀତିନାଟ୍ୟ ଲଙ୍କାପୋଡି ମଞ୍ଚସ୍ଥ ହୋଇଛି । ବଲାଙ୍ଗୀର ଜିଲା ଚିକଲବାହାଲସ୍ଥିତ ଜୟ ହନୁମାନ ନାଟ୍ୟ କଳାପରିଷଦ ପକ୍ଷରୁ ଗୀତିନାଟ୍ୟ ଲଙ୍କାପୋଡି ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ନବୀନା ମଲ୍ଲିକ, ଶମ୍ଭୁ ପ୍ରସାଦ ଥନାପତି, ଧ୍ରୁବଲେଶ୍ୱର ନାଗ, ଶତୃଘ୍ନ ବେହେରା, ଅଗଷ୍ଟ ପୁଟେଲ, ହାଡୁ ଭୁଏ, ଭରତ ବେହେରା, ରଶ୍ମୀ ବେହେରା, ନରୋତ୍ତମ ବେହେରା, ଚନ୍ଦ୍ରଧ୍ୱଜ ହାତୀ, ବୈଶାଖୁ ମଲ୍ଲିକ, ଜଳନ୍ଧର ନାଏକ। ନାଟକ ଶର୍ମିଷ୍ଠା ଅତ୍ୟନ୍ତ ମନମୁଗ୍ଧକର ହୋଇଥିଲା । ରାଜା ଯଯାତି ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କଲେ। ଦେବଯାନୀ ଅସୁରରାଜା ବୃଷିର୍ବାଙ୍କ ପୁତ୍ରୀ ଶର୍ମିଷ୍ଠାଙ୍କୁ ଦାସୀ ଭାବରେ ନେଇଗଲେ ସାଙ୍ଗରେ। ଶର୍ମିଷ୍ଠାଙ୍କ ପ୍ରତି ଆକୃଷ୍ଟ ହେଲେ ଯଯାତି । ଶର୍ମିଷ୍ଠା ତିନୋଟି ସନ୍ତାନକୁ ଜନ୍ମ ଦେଲେ। ଏ କଥା ଦେବଯାନୀ ଯେତେବେଳେ ଜାଣିଲେ ସେ ଯାଇ ଶୁକ୍ରାଚାର୍ଯ୍ୟଙ୍କୁ କହିଲେ। ପରେ ଶୁକ୍ରାଚାର୍ଯ୍ୟ ଯଯାତୀଙ୍କୁ ଅଭିଶାପ ଦେଲେ ଯେ, ଅକାଳରେ ତାଙ୍କର ଯୌବନ ବୃଦ୍ଧତ୍ୱରେ ପରିଣତ ହେଇ ରଗୁଣ ଅବସ୍ଥାରେ ଜୀବନ ଯାପନ କରିବେ। ଏ ଅଭିଶାପର ନିବାରଣ ନିମନ୍ତେ ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ ପୁତ୍ର ପୁରୁକୁ ଯଯାତି ଶୁକ୍ରାଚାର୍ଯ୍ୟଙ୍କ ପାଖକୁ ପଠାଇଲେ। ପୁରୁଙ୍କ ଅନେକ ଅନୁରୋଧ କ୍ରମେ ଶୁକ୍ରାଚାର୍ଯ୍ୟ ଅଭିଶାପର ନିବାରଣର ଉପାୟ କହିଲେ। ଯଦି କେହି ଯୁବକ ନିଜର ଯୌବନ ସ୍ୱଇଚ୍ଛାର ଦେଇ ଯଯାତିଙ୍କ ବୃଦ୍ଧ ରଗ୍‌ଣତ୍ୱକୁ ସ୍ୱୀକାର କରିବ ତାହେଲେ ଯଯାତି ତାଙ୍କ ଯୌବନ ଫେରି ପାଇବେ। ନିଜ ଯୌବନ ଦେବାକୁ କେହି ରାଜି ନ ହେବାରୁ ପୁତ୍ର ପୁରୁରାଜ ରାଜି ହେଲେ । ଏହି କଥାକୁ ନେଇ ଶର୍ମିଷ୍ଠାଙ୍କ ଚିନ୍ତାରେ ପଡିଲେ । ଗୋଟିଏ ପଟେ ପୁତ୍ର ସ୍ୱାମୀଙ୍କ ବୃଦ୍ଧତ୍ୱକୁ ସ୍ୱୀକାର କରି ରଗ୍‌ଣ ହୋଇଛି । ଅନ୍ୟପଟେ ପୁତ୍ରର ଯୌବନ ସ୍ୱାମୀ ଶରୀରରେ ପ୍ରବେଶ କରିଛି। ଶର୍ମିଷ୍ଠା ବୃଦ୍ଧପୁତ୍ରର ସେବା କରିବେ ନା ନିଜ ଗର୍ଭରୁ ଜାତ ଯୌବନରେ ସ୍ୱାମୀ ସହ ବାସ କରିବେ । ପ୍ରକୃତିର ବିରୋଧରେ ଗଲେ ବାହ୍ୟଜଗତରେ ହେଉ କି ଅର୍ନ୍ତଜଗତରେ ହେଉ ବିପର୍ଯ୍ୟୟ ଘଟିବ ହି ଘଟିବ । ଶର୍ମିଷ୍ଠା ଏହା ଯଯାତିଙ୍କୁ ବୁଝାଇଛନ୍ତି, ନିଜର ଭୁଲ ବୁଝିପାରି ଯଯାତି ପୁରୁକୁ ତାର ଯୌବନକୁ ଫେରାଇ ଦେଇ ଶର୍ମିଷ୍ଠା ସହ ବାନପ୍ରସ୍ଥକୁ ଯାଇଛନ୍ତି । ଏହି କଥାବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା। ସମ୍ବଲପୁର ଆର୍ଟିଷ୍ଟ ଆସୋସିଏଶନ ତରଫରୁ ପରିବେଷିତ ନାଟକ ଶର୍ମିଷ୍ଠାକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହି ନାଟକର କଥାବସ୍ତୁକୁ ପ୍ରଶାନ୍ତ ମହାରଣା ରଚନା କରିବା ସହ ନାଟକ ନିର୍ଦ୍ଦେଶନା ଦେଇଥିଲେ । ନାଟବାଦୀ ସଭାପତି ଡ. ଶ୍ରୀକର ମିଶ୍ର, ଅଧ୍ୟକ୍ଷ ହରିନାରାୟଣ ପୁଜାରୀ, ସଂଯୋଜକ ପ୍ରହ୍ଲାଦ ଦର୍ଜୀ, ଇଂ. ନାରାୟଣ ପ୍ରସାଦ ମିଶ୍ର, ପ୍ରଶାନ୍ତ ଖମାରୀ ଉପସ୍ଥିତ ଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସିକାଯୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଶଙ୍କରା, ୩୦।୩ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତ ସିକାଯୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପାରିସ ଫାଦରହର ସମରାସିକାଯୋର ଫ୍ରାନସିସ୍ ଖାଖା ଯୋଗଦେଇ ଦୀପ ପ୍ରଜ୍ଜଳନ ପୂର୍ବକ ତାଙ୍କ ଅଭିଭାଷଣରେ ଏକାଗ୍ରତା କଠିନ ପରିଶ୍ରମ ଓ ଧର୍ଯ୍ୟ ସହ ପାଠ ପଢ଼ିଲେ ଭଲ ମଣିଷ ହୋଇପାରିବ ବୋଲି ମତଦେଇଥିଲେ। ସମ୍ମାନିତ ଅତିଥି ରୂପେ ସିକାଯୋର ୟୁନିଟ ସମ୍ପାଦକ ଫାଦର ଫୁଲଜେନ୍ସ ମାଝୀ, ସାହେବଡେରା ପ୍ରଧାନଶିକ୍ଷକ ସେଲବାନୁସ ତିର୍ଗା, ହରସମରା ୟୁନିଟ ସମ୍ପାଦକ ରେଫ ଫାଦର ଅନୀଲ କୁଲୁ, ଅତିରିକ୍ତ ସିକାଯୋର ପାରିସ ଫାଦର ରୋଶନ କୁଲୁ, ଯୋଶେଫ କୁମାର, ରାହିଲ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ । ମଞ୍ଚ ପରିଚାଳନା ଲିଲି ମିଞ୍ଜ କରିଥିବା ବେଳେ ସମାଜସେବୀ ଇଲିଆସ ତିର୍କି ଧନ୍ୟବାଦ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ଓ କୃତୀ ଛାତ୍ରୀଛାତ୍ରଙ୍କୁ
ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ସକ୍ରିୟ ହେଉଛି ପିଏଲ୍ଏଫ୍ଆଇ ସଙ୍ଗଠନ

- ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ସୁରକ୍ଷା ଢ଼ିଲା
- ସୀମାବର୍ତ୍ତୀ ଗାଁରେ ପଇଁତରା ମାରୁଛନ୍ତି ଦୁର୍ଦ୍ଧାନ୍ତ ଅପରାଧୀ
- ନିର୍ବାଚନକୁ ଆଖି ଆଗରେ ରଖି ପାଟ୍ରୋଲିଂ କଡାକଡି ଦାବି

**ପ୍ରଦୀପ ତ୍ରିପାଠୀ**
**ନୂଆଗାଁ, ୩୦।୩ (ଡି.ଏନ.ଏ)**

ବର୍ତ୍ତମାନ ନିର୍ବାଚନ ପାଖେଇ ଆସୁଥିବାରୁ ଶାନ୍ତିଶୃଙ୍ଖଳା ଏବଂ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଜରୁରୀ। ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂଆଗାଁ ବ୍ଲକ ସମ୍ପୂର୍ଣ୍ଣ ଝାଡ଼ଖଣ୍ଡ ସୀମାକୁ ଲାଗିଛି। ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୫ ପଞ୍ଚାୟତ ଝାଡଖଣ୍ଡ ସୀମାରେ ରହିଛି। ଏସବୁ ଦୃଷ୍ଟିରୁ ପ୍ରଶାସନ ସୁରକ୍ଷା ଦିଗକୁ ନିଶ୍ଚିତ ଭାବରେ ଗୁରୁତ୍ୱ ଦେବାକଥା। ମାତ୍ର ଦୁର୍ଭାଗ୍ୟର ବିଷୟ ଏପର୍ଯ୍ୟନ୍ତ ପୋଲିସ ପ୍ରଶାସନ ନୂଆଗାଁ ବ୍ଲକର ସୀମାବର୍ତ୍ତୀ ଅଞ୍ଚଳଗୁଡିକରେ ଯେଉଁ ଭଳି ଭାବରେ ସୁରକ୍ଷା ଦିଗରେ ପଦକ୍ଷେପ ନେବା କଥା, ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରିବା ଦରକାର ତାହା ଏବେ ପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତବର୍ଷ ମାର୍ଚ୍ଚରେ ଦିନ ଦ୍ୱିପ୍ରହରରେ ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାଗଡେଗା ସପ୍ତାହିକ ହାଟ ନିକଟରେ ହରିଦର୍ଶନ ସାହୁ ନାମକ ଜଣେ ଯୁବକଙ୍କୁ ପିଏଲ୍ଏଫ୍ଆଇ ସଙ୍ଗଠନର ଦୁର୍ଦ୍ଧାନ୍ତ ଅପରାଧିମାନେ ଗୁଳିମାରି ହତ୍ୟା କରିଥିଲେ। ଯାହାର ସୁରାଗ ପୋଲିସ ଆଜକୁ ବର୍ଷେ ଉପରେ ହେଲା ପାଇବାରେ ବିଫଳ ହୋଇଛି। ସେହିଭଳି ନିକଟରେ ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲଠାରେ ଭରତ ମାହାତ ନାମକ ଜଣେ ଯୁବକଙ୍କ ଉପରକୁ ଗୁଳିମାଡ କରାଯାଇ ଦୁର୍ବୃତ୍ତ ଫେରାର ହୋଇ ଯାଇଥିଲେ। ସେହି ଘଟଣାର କାରଣ ରହସ୍ୟ ହୋଇଯାଇଛି। ଏସବୁ ଦୃଷ୍ଟିରୁ ସୁରକ୍ଷା ଚିନ୍ତା ଉକ୍ତ ଅଞ୍ଚଳରେ ଉଦ୍‌ବେଗଜନକ କହିଲେ ଅତ୍ୟୁକ୍ତି ହେବନାହିଁ। ଗତ ୩ରୁ ୪ ଦିନ ତଳେ କାଡେପୁର ଅଞ୍ଚଳରେ କେତେଜଣ ଝାଡଖଣ୍ଡ ଅପରାଧି ୨ଟି ମୋଟରସାଇକେଲରେ ପଇଁତରା ମାରୁଥିବା ଚର୍ଚ୍ଚା ହେଉଛି। ଏପରିକି ବାଗଡେଗା ହରିଦର୍ଶନ ଗୁଳିକାଣ୍ଡରେ ସେମାନେ ସାମିଲ ବୋଲି କୁହାଯାଉଛି। ଏସବୁ ଦୃଷ୍ଟିରୁ ନିଶ୍ଚିତ ରୂପେ କୁହାଯାଇପାରେ ବର୍ତ୍ତମାନ ସୀମାବର୍ତ୍ତି ଗାଁଗୁଡିକରେ ପୁଣି ପିଏଲ୍ଏଫ୍ଆଇ ନିଜର କାୟା ବିସ୍ତାର କରିବାକୁ ଚେଷ୍ଟା କଲେଣି। ବିଶେଷକରି ଆଗକୁ ନିର୍ବାଚନ ଥିବାରୁ ଉକ୍ତ ସଙ୍ଗଠନ ନିଜ କାୟାବିସ୍ତାର ଜାହିର କରିବାକୁ ଉଦ୍ୟମ କରିବ ବୋଲି ଆଶଙ୍କା କରାଯାଇଛି। ବିଶେଷକରି ସ୍ଥାନୀୟ ଅଞ୍ଚଳର କେତେକ ଅପରାଧି ଗୋଷ୍ଠୀର ଯୁବକମାନେ ଝାଡଖଣ୍ଡ ଅପରାଧି ଗୋଷ୍ଠୀ ସହ ସଲାସୁତୁରା ରଖି ଉକ୍ତ ଅଞ୍ଚଳରେ ସେମାନଙ୍କୁ ସାମିଲ କରୁଛନ୍ତି। ସ୍ଥାନୀୟ ଯୁବକମାନଙ୍କଠାରୁ ସମସ୍ତ ତଥ୍ୟ ହାସଲ କରି ଝାଡଖଣ୍ଡ ଅପରାଧି ଗୋଷ୍ଠୀ ତଥା ପିଏଲ୍ଏଫ୍ଆଇ ସଙ୍ଗଠନର ସଦସ୍ୟମାନେ ସିଧାସଳଖ ବ୍ୟବସାୟୀ ଓ ଠିକାଦାରମାନଙ୍କୁ ମୋଟା ଅଙ୍କର ଲେଭି ଦାବି କରିଥାଆନ୍ତି। ଏସବୁ ଦୃଷ୍ଟିରୁ ବର୍ତ୍ତମାନ ସୀମାବର୍ତ୍ତି ଗାଁଗୁଡିକରେ ପୋଲିସ ନିଜ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ପ୍ରକାଶ ଥାଉକି ୨୦୧୭ରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୧୭ ଫେବୃୟାରୀ ୯ ବିଶ୍ରା ଥାନା ଅନ୍ତର୍ଗତ ନୂଆଗାଁ ବ୍ଲକ ଚିତାପେଡି ପଞ୍ଚାୟତ ନିକଟସ୍ଥ ଓଡ଼ିଶା- ଝାଡ଼ଖଣ୍ଡ ବୋର୍ଡର ଆରାହାଂସା ଜଙ୍ଗଲରେ ଡିଭିଏଫ୍ ଫୋର୍ସ ଓ ପିଏଲ୍ଏଫ୍ଆଇ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ୨ଜଣ ପିଏଲ୍ଏଫ୍ଆଇ ସଦସ୍ୟ ମୃତ୍ୟୁବରଣ କରିଥିବାବେଳେ ୬ରୁ ଅଧିକ ଗୁରୁତର ଭାବେ ଆହତ ହୋଇ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ। ଏଥିରେ ବିଶ୍ରା ପୋଲିସର ଏଏସ୍ଆଇ ସୁନୀଲ କୁମାର ନନ୍ଦ ଆହତ ମଧ୍ୟ ହୋଇଥିଲେ। ଡିଭିଏଫ୍ ଫୋର୍ସର ଏଭଳି ସାହାସୀ ପଦକ୍ଷେପ ଫଳରେ ଦୀର୍ଘ ମାସ ପର୍ଯ୍ୟନ୍ତ ଅଞ୍ଚଳରେ ପିଏଲ୍ଏଫ୍ଆଇଙ୍କ ପ୍ରାଦୁର୍ଭାବ କମି ଯାଇଥିଲା। ହେଲେ ବିଶ୍ରା ପୋଲିସ ବର୍ତ୍ତମାନ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଦୁର୍ବଳ କରିଥିବାରୁ ପୁଣି ଉକ୍ତ ସଙ୍ଗଠନ ଏହି ଅଞ୍ଚଳରେ ନିଜ କାୟା ବିସ୍ତାର କରିବାକୁ ଉଦ୍ୟମ ଆରମ୍ଭ କଲାଣି। ବିଶ୍ରା ଥାନାଠାରୁ ଓଡିଶା ସୀମାବର୍ତ୍ତି ଗାଁ ଗୁଡିକ ପ୍ରାୟ ୩୦ରୁ ୩୫ କି.ମି ଦୂର ଏହି ପରିସ୍ଥିତିରେ ପୋଲିସ ମଧ୍ୟ ଠିକ ଭାବେ ପାଟ୍ରୋଲିଂ କରି ପାରୁନାହିଁ । ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳରେ ବିଭିନ୍ନ ଅପରାଧି ସଙ୍ଗଠନ ଖୋଲା ବିଚରଣ କରୁଛନ୍ତି। ଆଗକୁ ନିର୍ବାଚନ ଥିବାରୁ ପୋଲିସ ଏଦିଗରେ ଗୁରୁତ୍ୱ ଦେଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଦାବି ହେଉଛି।

### ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

**ରାଜଗାଙ୍ଗପୁର, ୩୦।୩ (ଡି.ଏନ.ଏ)**

ରାଜଗାଙ୍ଗପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଲବେନ୍ଦ୍ର ବେହେରା, ସହସମ୍ପାଦକ ତ୍ରିବିକ୍ରମ ପୃଷ୍ଟେଠ, କୋଷାଧ୍ୟକ୍ଷ ସତ୍ୟବାନ ଭାଗତ ୟୁନି କନଟେସ୍ଟେଡ୍ ଭାବେ ନିର୍ବାଚିତ ହୋଇଲେ। ଉପସଭାପତି ପଦବୀ ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଉପସଭାପତି ପଦରେ ୩ଜଣ ପ୍ରତିଦ୍ୱନ୍ଦିତାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ଅଶୋକ ପାଣି ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦବୀ ପାଇଁ ୨ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇ ମନୋଜ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନ ପକ୍ରିୟାକୁ ଦିଲୀପ ସାହୁ ଓ ପ୍ରଦୀପ କେସରୱାଲି ପରିଚାଳିତ କରିଥିଲେ।

## ଜରଙ୍ଗଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**ସୁନ୍ଦରଗଡ,୩୦।୩ (ଡି.ଏନ୍.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଡଗାଁ ବ୍ଲକ ଶିକ୍ଷାଧିକାରୀ ସାରଙ୍ଗଧର ବେରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନପୂର୍ବକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତ ଜୀବନ କିପରି ଉଜ୍ଜଳ କରିପାରିବେ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ସହ ବ୍ଲକ ଶିକ୍ଷା ଅଧିକାରୀ ଅଗଷ୍ଟିନ ଲୁଗୁନ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ ସହ ଶୃଙ୍ଖଳା ଓ ଉତ୍ତମ ଅଚରଣ ଶିକ୍ଷା କରିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସହଶିକ୍ଷା ଅଧିକାରୀ ବେଣୁମାଧବ ବିଶି ଓ ମହେଶ୍ୱର ମଲ୍ଲିକ ଯୋଗଦେଇ ଛାତ୍ରୀ, ଛାତ୍ରମାନଙ୍କୁ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ନାଏକ, ଦେଓକରଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀ, ଗ୍ରାମର ଯୋଗେଶ୍ୱର ସେନାପତି, ପ୍ରାନସିସ ଟପ୍ପୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀ ଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣେଶ ବନ୍ଦନା ପରେ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଭାରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ବଳରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। ଜଗଦୀଶ ଚନ୍ଦ୍ର ନାଏନ, ବୀଣାପାଣି ପଟେଲ, ବିଶ୍ୱନାଥ ପଟେଲ, କୃଷ୍ଣଚନ୍ଦ୍ର ସାହୁ, ପୁଷ୍ପଲତା ଟପ୍ପୋ ପ୍ରମୁଖ ଶିକ୍ଷୟିତ୍ରୀ ,ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟିପ୍ପରର ଧକ୍କାରେ ସାଇକେଲ ଆରୋହୀ ମୃତ: ରାସ୍ତାରୋକୋ

**ଲହୁଣୀପଡା, ୩୦।୩ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ ଶଶ୍ୟକଳା ପଞ୍ଚାୟତ ଦମାଲୁ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୮ଟାବେଳେ ଟିପ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ପ୍ରତିଶ୍ରୁତି ପାଇଲା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା। ପ୍ରାପ୍ତସୂଚନା ଅନୁସାରେ ଦମାଲୁ ଗ୍ରାମର କିଶୋର ତୁରୀ (୩୮) ବରସୁଆଁ ବାଙ୍କା ବଜାରରୁ ସାଇକେଲ ଯୋଗେ ନିଜ ଘରକୁ ଯାଉଥିଲେ। ବିପରିତ ଦିଗରୁ ଆସୁଥିବା ଓଆର୍ ୧୪ ଆର- ୩୦୦୯ ନଂ. ଟିପ୍ପର କିଶୋରଙ୍କୁ ଧକ୍କା ଦେଇଥିଲା । ଫଳରେ କିଶୋର ତୁରୀ ଗୁରୁତର ଆହତ ହେବା ସହିତ ସାଇକେଲ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଟିପ୍ପର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ କିଶୋର ବହୁ ସମୟ ପଡି ରହିବାରୁ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ଦମାଲୁ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ । ଖବରପାଇ ବଣେଇ ଏସଡିପିଓ ଅବକାଶ ରାଉତରାୟ, ଲହୁଣୀପଡା ଥାନା ଅଧିକାରୀ ପ୍ରେମଜିତ ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଅନେକ ସମୟ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ପାଇଲା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା। ପୋଲିସ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇ ଏକ ମାମଲା ରୁଜୁ କରିଛି।



ଭାଜପା କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମୀ, ନେତା।

## ତେଲିଘଣାଠାରେ ଭାଜପାର କର୍ମୀ ସମାବେଶ

**କୁତ୍ରା, ୩୦।୩ (ଡି.ଏନ.ଏ)**

କୁତ୍ରା ବ୍ଲକର ତେଲିଘଣା ଆମ୍ବବଗିଚାଠାରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ କର୍ମୀ ସମାବେଶ ହୋଇଥିଲା। ଦଳର ସୁନ୍ଦରଗଡ଼ ଲୋକସଭା ଆସନର ପ୍ରାର୍ଥୀ ଜୁଏଲ ଓରାମ ଓ ରାଜଗାଙ୍ଗପୁର ବିଧାନସଭା ଆସନର ପ୍ରାର୍ଥୀ ନରସିଂହ ମିଞ୍ଜଙ୍କୁ ବିଜୟ କରିବା ପାଇଁ କର୍ମୀମାନଙ୍କୁ ନେତାମାନେ ଆହ୍ୱାନ କରିଥିଲେ। କୁତ୍ରା ଓ ଖତକୁରବାହାଲ ମଣ୍ଡଳର କର୍ମୀ ଏଥିରେ ସାମିଲ ହୋଇଥିଲେ। ଦେଶରେ ନରେନ୍ଦ୍ର ମୋଦିଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ସମସ୍ତ କର୍ମୀ ଏକଜୁଟ ହୋଇ ଗାଁଗାଁ ବୁଲି ଭାଜପା ପ୍ରାର୍ଥୀଙ୍କୁ ଜିତାଇବାବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜଳା ଯୋଜନା, ସ୍ୱଚ୍ଛତା ମିଶନ ଭଳି ସମସ୍ତ ଯୋଜନା ଲୋକଙ୍କୁ ବୁଝାଇ ଭାରତୀୟ ଜନତା ପାର୍ଟି ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ କର୍ମୀଙ୍କୁ ବୁଝାଇଥିଲେ। ରାଜଗାଙ୍ଗପୁର ବିଧାନସଭା ପ୍ରାର୍ଥୀ ନରସିଂହ ମିଞ୍ଜ ମଧ୍ୟ ଓଡିଶାରେ ଭାଜପାର ସରକାର ଗଠନ କରିବାକୁ ହେଲେ ନିର୍ବାଚନ ପର୍ଯ୍ୟନ୍ତ କର୍ମୀମାନେ ଅକ୍ଳାନ୍ତ ପରିଶ୍ରମ କରି ଲୋକଙ୍କୁ ବୁଝାଇ ଭାଜପା ପ୍ରତି ଲୋକ ସମର୍ଥନ ହାସଲ କରିବା ଦିଗରେ କାର୍ଯ୍ୟ କରିବା ପାଇଁ କହିଥିଲେ। କର୍ମୀ ସମ୍ମିଳନୀରେ ଭାଜପାରୁ ରାଜଗାଙ୍ଗପୁର ବିଧାନସଭା ପାଇଁ ବିଦ୍ରୋହୀ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ ପରେ ପ୍ରତ୍ୟାହାର କରିଥିବା ଉପେନ୍ଦ୍ର ପ୍ରଧାନ ଯୋଗଦେଇ ଆମେ କେହି ପାର୍ଟି ଛାଡି ରହିପାରିବା ନାହିଁ। ଏଣୁ ପାର୍ଟି ପାଇଁ ଲଢ଼ି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନେ ଲାଗିପଡିବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁତ୍ରା ମଣ୍ଡଳ ସଭାପତି ଜୁନାସ ଲୁଗୁନ, ଜିଲା ଉପସଭାପତି ସୁରେଶ ପଟେଲ, ଜିଲା ସଭାପତି ବଟକିଶୋର ମିଶ୍ର, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଗିରିଶ ଚନ୍ଦ୍ର ସାହୁ, ବିଶ୍ୱଜିତ ତନ୍ତୀ, ମହାରାଜ ମାଝି, ହିମାଂଶୁ ନାଏକ, ନିର୍ମଳା ସାହୁ, କେଦାର ସାହୁ, ଖଡୁ ଲାକଡା, ପୂର୍ଣ୍ଣଚନ୍ଦ୍ର ଏକ୍କା, ହେମନ୍ତ ଏକ୍କା ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କୁ ଉତ୍ସାହିତ କରିଥିଲେ। କୁତ୍ରା, ବିରିଙ୍ଗାଟୋଲି, ପୁର୍କାପାଲି, ଗଙ୍ଗାଜଳ, ରଜାବସା, ଆମ୍ବଗୋଭା, ଖତକୁରବାହାଲ, ତୁନମୁରା, ଝାରବେଡା ଆଦି ଗ୍ରାମ ପଞ୍ଚାୟତରୁ କର୍ମୀ ଉପସ୍ଥିତ ଥିଲେ।

## ପ୍ରଚାର ଗାଡ଼ିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା,୩୦।୩ (ଡି.ଏନ୍.ଏ.):** ପ୍ରଥମ ପର୍ଯ୍ୟାୟ ଭୋଟ ପ୍ରଚାର ପାଇଁ ଅନ୍ୟ ରାଜ୍ୟରୁ ଆସିଥିବା ଏକ ପ୍ରଚାର ଗାଡିରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ମାମିଡି ଲୋକେସ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚରେ ବିଷୟ ହୋଇଛି। ଅନ୍ୟପକ୍ଷେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥବା ପୋଲିସ ଅନୁମାନ କରୁଛି। ଭବାନୀପାଟଣା ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।



ଭାଜପାରେ ଯୋଗଦେଇଥିବା ଯୁବକ।

## ଭାଜପାରେ ଯୋଗଦେଲେ ୫୫ ଯୁବକ

**ବଡଗାଁ, ୩୦।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଓ ଆଖାପାଖ ଗ୍ରାମର ୫୫ ଜଣ ଯୁବକ ଭାଜପାରେ ଯୋଗଦେଇଛନ୍ତି। ବଡଗାଁର ସୌରଭ ହୋତା (ସିନୁ) ଓ ପିଣ୍ଟୁ ନାଏକଙ୍କ ନେତୃତ୍ୱରେ ଶନିବାର ରାତି ୮ଟାରେ ବଡଗାଁ ମଣ୍ଡଳ ଭାଜପା ପକ୍ଷରୁ ଆୟୋଜିତ ଯୋଗଦାନ ପର୍ବରେ ୫୫ ଜଣ ଯୁବକ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ, କାର୍ଯ୍ୟ ଉପରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ଯୋଗଦେଇଥିବା କହିଥିଲେ । ଭାଜପା ପ୍ରାର୍ଥୀ ଭବାନୀ ଭୋଇ ବଡଗାଁ ମଣ୍ଡଳ ଭାଜପା ସଭାପତି ପିଣ୍ଟୁ ହୋତା, କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତି, ବସନ୍ତ ଡନସନା, ବସନ୍ତ ସାହୁ, ଫକିର ପୃଷ୍ଟେଟ, ରୂପେଶ ପଣ୍ଡାଙ୍କ ଉପସ୍ଥିତିରେ ଯୁବକମାନେ ଯୋଗଦେଇଥିଲେ । ଦଳୀୟ କର୍ମକର୍ତ୍ତାମାନେ ଯୁବକମାନଙ୍କୁ ସ୍ୱାଗତ ଜଣାଇ ହେବାକୁଥିବା ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ ।

## ମଦ୍ରାସା ଦାରୁଲ କୋରାନ ଜାଲସାର ବାର୍ଷିକ ଉତ୍ସବ

**ଲହୁଣୀପଡା, ୩୦।୩ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ ଜୁନିଆନି ଗ୍ରାମରେ ମାଦାର୍ସା ଦାରୁଲ କୋରାନ ଜାଲସାର ତୃତୀୟ ବାର୍ଷିକ ଉତ୍ସବ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁସଲିମ ଧର୍ମଗୁରୁ ନକିବୁଲ ଆମିନ, କୁଲ ଇସଲାମ, ଗୁଲାମ ସରବର, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲାପରିଷଦ ଅଧକ୍ଷ ରଣଜିତ କିଷାନ, ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ଭାଜପା ନେତା ଅନୀଲ ବାର୍ଲା, ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ସମିତି ସଭ୍ୟା ରୁନୁବାଳା ନାଏକ, ଲାଲବାହାଦୁର ମାହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବକ୍ତବ୍ୟ ଦେଇ ଛାତ୍ରୀଛାତ୍ର ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଜୁନିଆନି ଗ୍ରାମରେ ତିନି ବର୍ଷ ହେବ ଏହି ମାଦାର୍ସା ଦାରୁଲ କୋରାନ ଜାଲସା ଚାଲୁରହିଛି। ଏଥିରେ ଅଧ୍ୟୟନରତ ଛାତ୍ରୀଛାତ୍ର ଆକର୍ଷଣୀୟ ଗୀତ ଓ ବକ୍ତବ୍ୟ କରିଥିଲେ। ମୁସଲିମ ଧର୍ମ ଗୁରୁମାନେ ବକ୍ତବ୍ୟ ମାଧମରେ ଉତ୍ସାହିତ କରିଥିଲେ। ଜୁନିଆନି, ଲହୁଣୀପଡା, ବଣେଇ ସମେତ ବିଭିନ୍ନ ସ୍ଥାନରୁ ମୁସଲିମମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏମଡି ଖୁର୍ସିଜ, ଏମଡି ମୁସ୍ତାକିମ, ଏମଡି ଆଜାଦ, ଏମଡି ଇମ୍ରାନ, ଏମଡି ଇସମାଇଲ, ଏମଡି କାଦିର, ଏମଡି ସିଦ୍ଧିକ, ଏମଡି ଆବାସ, ଏମଡି ରିୟାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଦ୍ରାସା ଦାରୁଲ କୋରାନ ଜାଲସାର ତୃତୀୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

### ଜିଲା ଓକିଲ ସଂଘର ନିର୍ବାଚନ

## ଦୁଷ୍ମନ୍ତ ନାଏକ ସଭାପତି, ଅଶୋକ ସ୍ୱାଇଁ ସମ୍ପାଦକ

**ସୁନ୍ଦରଗଡ଼, ୩୦।୩ (ଡି.ଏନ୍.ଏ)**



ଦୁଷ୍ମନ୍ତ ନାଏକ



ବୁଦ୍ଧଦେବ ନାଏକ



ଅଶୋକ କୁମାର ସ୍ୱାଇଁ



ପ୍ରଣବ କୁମାର ହାତୀ

ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଦୁଷ୍ମନ୍ତ ନାଏକ ଜିଲା ଓକିଲ ସଂଘର ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ବୁଦ୍ଧଦେବ ନାଏକ ଯୁଗ୍ମ ସମ୍ପାଦକ, ପ୍ରଣବ କୁମାର ହାତୀ କୋଷାଧ୍ୟକ୍ଷ, ନରେଶ ନାଏକ, ସୁକାନ୍ତ ମହାପାତ୍ର, ପ୍ରଶାନ୍ତ ପଟେଲ ଅନୁସୂୟା ନାଏକ ଏବଂ ୱେଲଫେୟାର କମିଟିର ସଭ୍ୟ ଭାବେ ପ୍ରଣବସିଂ, ରାଜେଶ ଟପ୍ପୋ, ରାଜେନ୍ଦ୍ର ବେଗ୍ ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସଂଘର ସମ୍ପାଦକ ଓ ଉପସଭାପତି ପଦବୀ ପାଇଁ ଅନୁଷ୍ଠିତ ନିର୍ବାଚନରେ ଉପସଭାପତି ପଦବୀରେ ସୁରେନ୍ ନାଏକ ୯୨ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବବିତା ସୁନ୍ଦରୀ ଦାସ ୨୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ଅଶୋକ କୁମାର ସ୍ୱାଇଁ ୯୪ ଖଣ୍ଡ ଭୋଟ ପାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଞ୍ଜନା ସାହୁ ୨୦ଖଣ୍ଡ ଭୋଟ ପାଇଛନ୍ତି।